ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008



ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୦ • ସଂଖ୍ୟା–୩୪୩ • ୧୨ ଜାନୁଆରୀ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -30 • Issue-343 • 12nd January 2024, Friday • Bhubaneswar | Licensed to post without pre-payment of postage No- BN-60/22-24


## ୪ର୍ଥ ପର୍ଯ୍ୟାୟରେ ୫ ଜିଲ୍ଲାର ୩୮୯ ରୂପାନ୍ତରିତ ଉଚ୍ଚବିଦ୍ୟାଳୟ ଲୋକାର୍ପିତ

**ଭୁବନେଶ୍ୱର, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଶିକ୍ଷାର ବିକାଶ ପାଇଁ ୫-ଟି ଅଧୀନରେ ଉଚ୍ଚବିଦ୍ୟାଳୟ ଗୁଡ଼ିକର ରୂପାନ୍ତରିଣ କାମ ଜାରି ରହିଛି। ଏହି କ୍ରମରେ ରାଜ୍ୟ ସରକାର ଗୁରୁବାର ୪ର୍ଥ ପର୍ଯ୍ୟାୟରେ ୫ଟି ଜିଲ୍ଲାର ୩୮୯ଟି ଉଚ୍ଚବିଦ୍ୟାଳୟର ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଯୋଡ଼ି ହୋଇ ଗଞ୍ଜାମ ଜିଲ୍ଲାର ୧୪୯ଟି, ଝାରସୁଗୁଡ଼ା ଜିଲ୍ଲାର ୧୧ଟି, ଜଗତସିଂହପୁର ଜିଲ୍ଲାର ୫୭ଟି, କେନ୍ଦ୍ରାପଡ଼ାର ୧୧୨ଟି ଓ ବରଗଡ଼ ଜିଲ୍ଲାର ୬୦ଟି ଉଚ୍ଚବିଦ୍ୟାଳୟ ଲୋକାର୍ପଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ଓଡିଶାରେ ରୂପାନ୍ତରର ଯୁଗ




ଚାଲିଛି । ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି । ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି । ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ । ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଶିକ୍ଷା ହିଁ ଆମ ସମାଜର ସାମୁହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ (ପୃଷ୍ଠା ୭ରେ)

## ସରକାରୀ ସ୍କୁଲରେ ପଢି ମଧ୍ୟ ଶୀର୍ଷକୁ ଯାଇ ହେବ: ପାଣ୍ଡିଆନ

**ଭୁବନେଶ୍ୱର/ବଲାଙ୍ଗୀର, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

ସରକାରୀ ସ୍କୁଲରେ ପାଠପଢି ମଧ୍ୟ ଭଲ କ୍ୟାରିୟର କରିହେବ ଏବଂ ଶୀର୍ଷକୁ ଯାଇ ହେବ । ଏହି ବାର୍ତ୍ତା ଦେଇଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ । ଗୁରୁବାର ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଛାତ୍ରଛାତ୍ରୀଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇଛନ୍ତି। କଠିନ ପରିଶ୍ରମ ହିଁ ସଫଳତାର ସୂତ୍ର । କଠିନ ପରିଶ୍ରମର ବିକଳ୍ପ ନାହିଁ। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସରକାରୀ ସ୍କୁଲରେ ପଢି ଆଜି ସଫଳତାର ଶୀର୍ଷରେ ଥିବା କିଛି ବ୍ୟକ୍ତିଙ୍କ ଉଦାହରଣ ଦେଇଥିଲେ ଶ୍ରୀ ପାଣ୍ଡିଆନ ।

ଏ ଅବସରରେ ସେ ସଫଳ ଉଦ୍ୟୋଗୀ ସୁବ୍ରତ ବାଗଚିଙ୍କ ଉଦାହରଣ ଦେଇଥିଲେ । ପାଟଣାଗଡ଼ରେ ୧୯୫୭ ମସିହାରେ ଜନ୍ମ ହୋଇଥିଲେ ସୁବ୍ରତ ବାଗଚି। ପାଟଣାଗଡ଼ରେ ସରକାରୀ ସ୍କୁଲରେ ପାଠ ପଢି ଓଡ଼ିଶା ସେକ୍ରେଟାରିଆଟରେ ଜଣେ କିରାଣୀ ଭାବେ



କାର୍ଯ୍ୟ ଆରମ୍ଭ କରିଥିଲେ । ଏହାପରେ ଚାକିରି ଛାଡି ଆଇଟି କ୍ଷେତ୍ରରେ ଯୋଗ ଦେଇଥିଲେ। ଆଇଟି ଇଣ୍ଡଷ୍ଟ୍ରିରେ ଯୋଗ ଦେଇ ସେ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। 'ମାଇଣ୍ଡ ଟ୍ରି' ଭଳି ଆଇଟି କମ୍ପାନୀ କରି ୨୦ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି।

ସେହିପରି ଆଉ ଜଣେ ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ସିନେ ନିର୍ଦ୍ଦେଶକ ନୀଳମାଧବ ପଣ୍ଡା। ସୁବର୍ଣ୍ଣପୁର ଜିଲ୍ଲାର ଏହି ବ୍ୟକ୍ତି ଗାଁ କଲେଜରେ ପାଠ ପଢୁଥିଲେ। ଯୁକ୍ତ ଦୁଇ ଫେଲ ହୋଇଯିବା ପରେ ସେ ଦିଲ୍ଲୀ ଚାଲି ଯାଇଥିଲେ । ସେଠାରେ ସିନେମାଟୋଗ୍ରାଫି ଶିକ୍ଷା ନେଇଥିଲେ । କଠିନ ପରିଶ୍ରମ ବଳରେ (ପୃଷ୍ଠା ୭ରେ)

## ବୁଲେଟ ଟ୍ରେନ ପ୍ରକଳ୍ପ ପାଇଁ ଶତ ପ୍ରତିଶତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି



**ନୂଆଦିଲ୍ଲୀ, ୧୧।୧**

କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଲେଟ ଟ୍ରେନ ପ୍ରକଳ୍ପ ସମ୍ବନ୍ଧରେ ନୂତନ ସୂଚନା ଦେଇଛନ୍ତି । ମୁମ୍ବାଇ-ଅହମ୍ମଦାବାଦ ମାର୍ଗରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସେ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ୫୦୮ କିଲୋମିଟର ମାର୍ଗର ୨୭୦ କିଲୋମିଟରରେ ତାର ପାଇଁ ଡକ୍ଟ ବିଛାଇବା କାର୍ଯ୍ୟ ଶେଷ ହୋଇଛି । ପ୍ରକଳ୍ପ କାର୍ଯ୍ୟ ଠିକ ସମୟରେ ହୋଇଛି ବୋଲି ସେ କହିଛନ୍ତି । ମୁମ୍ବାଇ-ଥାନେ ମଧ୍ୟରେ ଅଣ୍ଡରଓ୍ୱେ ଟନେଲର କାମ ମଧ୍ୟ ଆରମ୍ଭ ହୋଇଛି । ଏହି ମାର୍ଗରେ ପଡୁଥିବା ଆଠଟି ନଦୀ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଦୁଇଟି ସେତୁ କାମ ମଧ୍ୟ ଶେଷ ହୋଇଛି । ସାବରମତୀ ଟର୍ମିନାଲ ଷ୍ଟେସନର କାର୍ଯ୍ୟ ଶେଷ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଛନ୍ତି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜମି ଅଧିଗ୍ରହଣର ସ୍ଥିତି ସଂପର୍କରେ ସୂଚନା ଦେବା ବେଳେ କହିଥିଲେ ଯେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ୧୩୮୯.୪୯ ହେକ୍ଟର ଜମି ଅଧିଗ୍ରହଣ ହୋଇଛି। ମୁମ୍ବାଇ ଏବଂ ଅହମ୍ମଦାବାଦ (ପୃଷ୍ଠା ୭ରେ)






## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୧**

**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚନ କରିଛନ୍ତି । ଏହାର ଟ୍ୟାଗଲାଇନ ରହିଛି 'ଭାଷା ହିଁ ଭବିଷ୍ୟତ'। ଏହି ଅବସରରେ ମୁଖ୍ୟମନ୍ତ୍ରୀ



ଭାଷା ସମ୍ମିଳନୀର ବିପୁଳ ସଫଳତା କାମନା କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ସମ୍ମିଳନୀ ଆସନ୍ତା ଫେବ୍ରୁଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ (ପୃଷ୍ଠା ୭ରେ)

## ଫେବ୍ରୁଆରୀ ୧ରେ ଉପସ୍ଥାପନ ହେବ କାମଚଳା ବଜେଟ

**ନୂଆଦିଲ୍ଲୀ, ୧୧।୧**

ସଂସଦର ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବ୍ରୁଆରୀ ୯ ରେ ଶେଷ ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ଜାନୁଆରୀ ୩୧ରେ ବଜେଟ ଅଧିବେଶନ ଆରମ୍ଭ ହେବା ପରେ ସଂସଦର ଉଭୟ ଗୃହକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିବେ। ଏହାପରେ ଜାନୁଆରୀ




୩୧ରେ ଅର୍ଥନୈତିକ ସର୍ଭେ ରିପୋର୍ଟ ମଧ୍ୟ ଉପସ୍ଥାପନ କରାଯିବ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବ୍ରୁଆରୀ ୧ରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଏକ ଅନ୍ତରୀଣ ବା କାମଚଳା ବଜେଟ ଉପସ୍ଥାପନ କରିବେ। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ କେନ୍ଦ୍ର (ପୃଷ୍ଠା ୭ରେ)

## ୧୭୧୪ କୋଟିର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ



**ଭୁବନେଶ୍ୱର, ୧୧।୧ : ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୨୭ତମ ରାଜ୍ୟସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକରେ ୧୭୧୩.୬୫ କୋଟି ଟଙ୍କାର ବିଭିନ୍ନ ଶିଳ୍ପ ପ୍ରକଳ୍ପରେ ପୁଞ୍ଜି ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଧାତବ ଏବଂ ଆନୁଷଙ୍ଗିକ ଶିଳ୍ପ, ଶକ୍ତି, ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ ଓ ପର୍ଯ୍ୟଟନ ଆଦି କ୍ଷେତ୍ରରେ ଶିଳ୍ପସ୍ଥାପନ ହେବ ଏବଂ ଏଥିରେ ୫୧୩୪ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗସୃଷ୍ଟି ହେବାର ଆକଳନ କରାଯାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁସାରେ ଯାଜପୁରରେ ନିଓ ଇଣ୍ଡଷ୍ଟ୍ରିଜ ମେଟାଲ ପ୍ରୋସେସିଂ ସଂସ୍ଥା ୭୨ କୋଟି ଟଙ୍କା ବ୍ୟୟରେ କାରଖାନା ସ୍ଥାପନ କରିବ ଓ ଏଥିରେ ୫୦ (ପୃଷ୍ଠା ୭ରେ)

## ଭୁବନେଶ୍ୱରକୁ ଓ୍ୱାଟର ପ୍ଲସ ଉତ୍କର୍ଷତା ଆଓ୍ୱାର୍ଡ



**ଭୁବନେଶ୍ୱର, ୧୧।୧ : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ ରିପୋର୍ଟ । ଭୁବନେଶ୍ୱରକୁ ମିଳିଛି ଓ୍ୱାଟର ପ୍ଲସ ଉତ୍କର୍ଷତା ଆଓ୍ୱାର୍ଡ । ଗର୍ବର ସହିତ ଓଡ଼ିଶାର ଏକମାତ୍ର ସହର ଭାବରେ ଏହି ସମ୍ମାନ ହାତେଇଛି ସ୍ମାର୍ଟସିଟି ଭୁବନେଶ୍ୱର। ଏହାସହ ଆବର୍ଜନା ମୁକ୍ତ ସହର ଭାବରେ ଭୁବନେଶ୍ୱରକୁ ମିଳିଛି ୩ ଷ୍ଟାର ରେଟିଂ। ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଗତ ଥର ୮୦ ର୍ୟାଙ୍କରେ ଥିବା ବେଳେ ଏଥର ୩୪ ର୍ୟାଙ୍କ ହାସଲ କରିଛି ରାଜଧାନୀ ଭୁବନେଶ୍ୱର। ସ୍ମାର୍ଟସିଟିକୁ ସ୍ୱଚ୍ଛ ଓ ସବୁଜମୟ ରଖିବାରେ ସହଯୋଗ କରିଥିବା ସମସ୍ତ ବିଏମସି କର୍ମଚାରୀ ଏବଂ ରାଜଧାନୀବାସିନ୍ଦାଙ୍କୁ ଏହି ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରିଛି ବିଏମସି। ପୁରସ୍କାର ବିତରଣ ଉତ୍ସବରେ ସାମିଲ ଥିଲେ ବିଏମସି ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ।

ଏହାସହ ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକ ମଧ୍ୟରେ (ପୃଷ୍ଠା ୭ରେ)






## ଆଜିଠାରୁ ଶ୍ରୀକ୍ଷେତ୍ରରେ ପରିକ୍ରମା ଯଜ୍ଞ ପ୍ରକ୍ରିୟା, ଆଚାର୍ଯ୍ୟ ବରଣ କରିବେ ଗଜପତି ମହାରାଜା



**ପୁରୀ, ୧୧।୧ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ବସିଥିବା ସ୍ୱତନ୍ତ୍ର ପରିଚାଳନା କମିଟି ବୈଠକରେ ସାଂସ୍କୃତିକ ଓ ବିଭିନ୍ନ ସବ କମିଟିର ପୂର୍ବ ନିଷ୍ପତ୍ତିରେ ମୋହର ଲାଗିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଶୁକ୍ରବାରଠୁ ଆରମ୍ଭ ହେବ ଯଜ୍ଞ ପ୍ରକ୍ରିୟା । ୬ ଦିନ ବ୍ୟାପୀ ଯଜ୍ଞ ଅନୁଷ୍ଠିତ ହେବ । ଶୁକ୍ରବାର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବ ଯଜ୍ଞ ପାଇଁ ଆଚାର୍ଯ୍ୟ ବରଣ କରିବେ।

ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ମଧ୍ୟରେ ଅଙ୍କୁରାରୋପଣ କରାଯିବ। ୧୩ ତାରିଖ ଦିନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଅଙ୍କୁରପୂଜନ ହେବ । ୧୪ ତାରିଖ ଦିନ ୧୦ଟାରୁ ରାତି ୮ଟା ମଧ୍ୟରେ ଅଙ୍କୁରପୂଜନ, ଯଜ୍ଞ ଅଧିବାସ, ମଣ୍ଡଳସ୍ଥାପନ, ଧ୍ୱଜା ସ୍ଥାପନ, ତୋରଣ ସ୍ଥାପନ କରାଯିବ। ୧୫ ତାରିଖରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ, ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ ଓ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ହେବ। ଅପରାହ୍ନ ୩ଟାରୁ ବୈଷ୍ଣବାଗ୍ନି ସଂସ୍କାର, ହବନ, (ପୃଷ୍ଠା ୭ରେ)

29 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୨ ଜାନୁଆରୀ ୨୦୨୪ ଶୁକ୍ରବାର





# ବେଶ ବିଭବରେ ଝଲସିବ ପ୍ରମୋଦ ଉଦ୍ୟାନ

## ଆକର୍ଷଣୀୟ ୩ ବେଶ

**ବଡ଼ସିଂହାର ବେଶ**

ରତ୍ନସିଂହାସନରେ ଦୈନନ୍ଦିନ ମହାପ୍ରଭୁଙ୍କର ବଡ଼ସିଂହାର ବେଶ କରାଯାଏ। ମୁଖ୍ୟତଃ ଏହି ବେଶ ହେଉଛି ପୁଷ୍ପବେଶ। ଅର୍ଥାତ୍ ନାନାଦି ପୁଷ୍ପ ଅଳଙ୍କାରରେ ବିମଣ୍ଡିତ ଶ୍ରୀବିଗ୍ରହମାନଙ୍କ ଏହି ବେଶ ସବୁଠୁ ଆକର୍ଷଣୀୟ। ଚନ୍ଦନଲାଗି ବଢ଼ିବା ପରେ ଠାକୁରଙ୍କୁ ଏହି ବେଶ କରାଯାଏ। ଠାକୁରଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ଲାଗି କରାଯାଏ। ଏହି ବେଶରେ ଦାରୁବିଗ୍ରହ ମୁଖ୍ୟତଃ ଗଭା, ଚନ୍ଦ୍ରିକା, ଅଳକା, ତିଳକ, ଝୁମ୍ପା, ନାକୁଆସୀ, ଦୟଣା, ଅଧରମାଳ, କରପଲ୍ଲବ, ହୃଦୟ ପଦକ ଆଦି ପରିଧାନ କରିଥାନ୍ତି।

**ନାଗାର୍ଜୁନ ବେଶ**

ଯେଉଁବର୍ଷ କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ପରିବର୍ତ୍ତେ ଛଅ ଦିନ ପଡ଼ିଥାଏ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପଞ୍ଚକର ଯେଉଁ ତିଥି ମଳ ରୁହେ, ସେହି ମଳ ତିଥିରେ ଦାରୁବିଗ୍ରହମାନଙ୍କର ନାଗାର୍ଜୁନ ବେଶ କରାଯାଏ। ଏହି ବେଶରେ ଠାକୁରମାନେ ମୁଖ୍ୟତଃ ସୋଲ, କନା, ଜରି, ବେତରେ ନିର୍ମିତ ହାଣ୍ଡିଆ, ନିଶଦାଢ଼ି, ସୋଲର ଛୁରି, କଟାରୀ, ବାଘଛାଲ, ସ୍ୱର୍ଣ୍ଣ ନିର୍ମିତ ଶ୍ରୀଭୁଜ, ଶ୍ରୀପୟର, ବାଘନଖିମାଳି, ହରିଡ଼ାମାଳି ପରିଧାନ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ହସ୍ତରେ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ରଙ୍କ ହସ୍ତରେ ହଳ, ମୂଷଳ ଧାରଣ କରି ବୀର ବେଶରେ ସଜ୍ଜିତ ହୋଇଥାନ୍ତି।

**ସୁନାବେଶ**

ବର୍ଷକୁ ଏହି ବେଶ ପାଞ୍ଚଥର ହୋଇଥାଏ। ରତ୍ନସିଂହାସନରେ ୪ଥର ଏବଂ ଗୋଟିଏ ଥର ରଥ ଉପରେ ଏହି ରାଜାଧିରାଜ ବେଶରେ ଦର୍ଶନ ଦେଇଥାନ୍ତି ମହାପ୍ରଭୁ। ଦଶହରା, ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଏହି ବେଶ ହୋଇଥାଏ। ମହାପ୍ରଭୁଙ୍କର ସବୁଠୁ ଆକର୍ଷଣୀୟ ତଥା ଦୁର୍ଲ୍ଲଭ ବେଶ ହେଉଛି ସୁନାବେଶ। ଏହି ବେଶରେ ଠାକୁରମାନେ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇଥାଆନ୍ତି।



## ଗୋଟିଏ ଜାଗାରେ ଦାରୁଦିଅଁଙ୍କ ୨୫ ବେଶ





ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଭବ୍ୟ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ଯାଉଥିବାରୁ ସେମାନଙ୍କୁ ଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରିବା ଲାଗି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରକୁ ସୁନ୍ଦର ଭାବେ ସଜା ଯାଉଛି। ଶ୍ରୀକ୍ଷେତ୍ରରେ ପାଦ ଦେବା ମାତ୍ରେ ଯେପରି ଯେକେହି ଏକ ଆଧ୍ୟାତ୍ମିକ ଭାବନାରେ ଭିଜିବେ, ସେଥିଲାଗି ସବୁମତେ ଚେଷ୍ଟା ଚାଲିଛି। ସେହିପରି ବିଶ୍ୱନିୟନ୍ତାଙ୍କ ବିଭିନ୍ନ ବେଶ ମଧ୍ୟ ପ୍ରଦର୍ଶନ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସରରେ ଏଥିପାଇଁ ଚାଲିଛି ପ୍ରସ୍ତୁତି। ପୁରୀର ବିଶିଷ୍ଟ ବେଶ ଶିଳ୍ପୀ ବସନ୍ତ ରଣା (ଇଲା) ଏହି ବେଶ ତିଆରିର ଦାୟିତ୍ୱ ନେଇଛନ୍ତି। ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ପ୍ରାୟ ଅଢ଼େଇ ମାସ ପୂର୍ବରୁ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଗଙ୍ଗାମାତା ମଠ ପରିସରରେ ବେଶ ତିଆରି କରୁଛନ୍ତି। ସେ ତିଆରି କରୁଥିବା ବେଶଗୁଡ଼ିକ ମଧ୍ୟରେ ରହିଛି, ଅବକାଶ ବେଶ (ତଡ଼ପ ଉତ୍ତରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡ଼ାଲାଗି ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡ଼ି ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ। ଜଗନ୍ନାଥବଲ୍ଲଭ ମଠ ପରିସରରେ ବେଶ ପ୍ରଦର୍ଶନ ପାଇଁ ବିରାଟ ସେଡ୍ ପ୍ରସ୍ତୁତ ହେଉଛି। ଏହି ସେଡ୍‌ରେ ଦାରୁଦିଅଁଙ୍କ ବେଶ ପ୍ରଦର୍ଶିତ ହେବ। ଏଥିପାଇଁ ୩ ଫୁଟ୍ ଉଚ୍ଚତାର ଜଗନ୍ନାଥ ଓ ବଳରାମଙ୍କ ମୂର୍ତ୍ତି ତିଆରି କରାଯାଇଥିବା ବେଳେ ୨.୫ ଫୁଟ୍ ଉଚ୍ଚର ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ରହିଛି। ପ୍ରାୟ ୪ ଫୁଟ୍‌ର ସିଂହାସନ ଉପରେ ଶ୍ରୀଜୀଉଙ୍କର ବେଶ ରହିବ। ଶ୍ରୀମନ୍ଦିରରେ ଯେଉଁଭଳି ଠାକୁରଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ, ସେହିଭଳି ବେଶ କରାଯିବ। ବେଶ ପ୍ରସ୍ତୁତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୨ ତାରିଖ ସୁଦ୍ଧା ବେଶଗୁଡ଼ିକ ପ୍ରଦର୍ଶନୀ ସ୍ଥଳରେ ପ୍ରସ୍ତୁତ କରାଯିବ। ୧୨ତାରିଖରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ ହେଉଥିବାରୁ ପୁରୀକୁ ଭକ୍ତଙ୍କ ଆଗମନ ବୃଦ୍ଧି ପାଇବ। ତେଣୁ ସେହି ଦିନଠାରୁ ଅତିଥି ଏବଂ ଶ୍ରଦ୍ଧାଳୁମାନଙ୍କୁ ଠାକୁରଙ୍କ ଏହି ୨୫ ବେଶ ଦର୍ଶନ କରାଇବା ଲାଗି ଏବେଠୁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଶିଳ୍ପୀ ବସନ୍ତ ପ୍ରାୟ ୨୦ଜଣ ସାଥୀଙ୍କ ସହ ବେଶ ପ୍ରସ୍ତୁତିକୁ ଶେଷ ସ୍ପର୍ଶ ଦେଉଛନ୍ତି।

## ୩ ହଜାର ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ଶସ୍ତାରେ ଧର୍ମଶାଳା







### ଖର୍ଚ୍ଚ ହେବ ୧୩୫ କୋଟି, ୪ ମହଲା ବିଶିଷ୍ଟ ୬ଟି ବ୍ଲକ

ବଡ଼ଦାଣ୍ଡରେ ଶୀତ କାକରରେ ଖୋଲା ଆକାଶ ତଳେ କେହି ରାତି କାଟିବେ ନାହିଁ। ହୋଟେଲ ଓ ଲଜ୍‌ରେ ରହଣି ପାଇଁ ଚଢ଼ା ଦରର ଶିକାର ହେବାକୁ ପଡ଼ିବ ନାହିଁ। ଗରିବ ଭକ୍ତଙ୍କ ରହଣି ପାଇଁ ଶ୍ରୀକ୍ଷେତ୍ରରେ ଉପଲବ୍ଧ ହେବ ଶସ୍ତାରେ ଧର୍ମଶାଳା। ରାଜ୍ୟ ସରକାର ସାଧାରଣ ଗରିବ ତୀର୍ଥଯାତ୍ରୀଙ୍କୁ ଆତିଥେୟତା ଦେବା ପାଇଁ ନିର୍ମାଣ କରୁଛନ୍ତି ଶସ୍ତା ଧର୍ମଶାଳା। ମାତ୍ର ୨ଶହରୁ ୪ଶହ ଟଙ୍କା ଦେଇ ଭକ୍ତମାନେ ଶ୍ରୀକ୍ଷେତ୍ରରେ ଛାତ ତଳେ ରାତି ବିତାଇପାରିବେ। ବାସେଳି ସାହି ଥାନା ପଛପାର୍ଶ୍ୱରେ ୧୦ ଏକର ଜମିରେ ନିର୍ମିତ ହେଉଛି ଧର୍ମଶାଳା। ଏହା ମଧ୍ୟରେ ପ୍ରାୟ ୩ ହଜାର ତୀର୍ଥଯାତ୍ରୀ ତଥା ଭକ୍ତ ଏକକାଳୀନ ରହିବାର ସୁବିଧା ପାଇବେ। ଭକ୍ତଙ୍କୁ ଖାଦ୍ୟ ଯୋଗାଇଦେବା ପାଇଁ କ୍ୟାଣ୍ଟିନ୍‌ର ମଧ୍ୟ ବ୍ୟବସ୍ଥା ରହିବା ନେଇ ପରିକଳ୍ପନା କରାଯାଇଛି। ବିଶେଷକରି ଗରିବ ଓ ବରିଷ୍ଠ ନାଗରିକମାନେ ଯେପରି ପୁରୀରେ ରହିବାକୁ ଅର୍ଥର ବୋଝ ନମୁଣ୍ଡାନ୍ତି, ସେଥିପାଇଁ ସରକାର ଏହି ମହତ୍ ପ୍ରକଳ୍ପର ପରିକଳ୍ପନା କରିଛନ୍ତି।

ସଂପ୍ରତି ହୋଟେଲ ଓ ଲଜ୍‌ରେ ରହିବା ଗରିବ ଭକ୍ତଙ୍କ ପକେଟକୁ ସୁହାଉ ନଥିବାରୁ ବହୁ ଗରିବ ତୀର୍ଥଯାତ୍ରୀ ଅଧିକାଂଶ ସମୟ ବଡ଼ଦାଣ୍ଡରେ ବିତାଇ ଦେଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସରକାର ଅବଗତ ହେବା ପରେ ସାଧାରଣ ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ଏକ ବୃହତ୍ ଧର୍ମଶାଳାର ପରିକଳ୍ପନା କରିଥିଲେ। ୨୦୨୨ ମସିହାରେ ଏହାର ପରିକଳ୍ପନା କରାଯାଇଥିଲା। ସେହି ବର୍ଷ ଜୁଲାଇରେ କ୍ୟାବିନେଟ୍ ଅନୁମୋଦନ ପରେ ଧର୍ମଶାଳା ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ଯୋଜନା ମୁତାବକ, ୪ ମହଲା ବିଶିଷ୍ଟ ହେବ ଏହି ଧର୍ମଶାଳା। ଏହା ମଧ୍ୟରେ ମୋଟ୍ ୬ଟି ବ୍ଲକ ରହିବ। ଦୂର ଦୂରାନ୍ତରରୁ ବହୁ ଗରିବ ତୀର୍ଥଯାତ୍ରୀ ପୁରୀ ଆସିବାକୁ ଅଗ୍ରାଧିକାର ଦେଉଥିବାରୁ ସେମାନେ କୌଣସି ଲଜ୍ କିମ୍ବା ହୋଟେଲରେ ରୁମ୍ ନନେଇ ଏହି ଧର୍ମାଶାଳାରେ ଶସ୍ତାରେ ରୁମ୍ ବୁକିଂ କରି ରାତି ବିତାଇପାରିବେ।

ଭକ୍ତ ଓ ଭକ୍ତିର ସହର ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ଯେପରି କୌଣସି ଭକ୍ତ ରହଣି ଚିନ୍ତାରେ ନପଡ଼ିବେ, ସେନେଇ ଶସ୍ତା ଧର୍ମଶାଳା ନିର୍ମାଣ କରାଯାଉଛି। ୧୩୫.୬ କୋଟି ଟଙ୍କାରେ ନିର୍ମିତ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୪ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସାଧାରଣ ଗରିବ ଭକ୍ତଟିଏ ରଥଯାତ୍ରା ଓ ଅନ୍ୟ ସମୟରେ ଶ୍ରୀକ୍ଷେତ୍ର ଆସିଲେ, ହୋଟେଲ୍ କିମ୍ବା ଲଜ୍ ଭଡ଼ା ସୂତ୍ରରେ ନେବା ସମ୍ଭବ ହୁଏ ନାହିଁ। ତେଣୁ ବଗଲା ଓ ଅନ୍ୟ ଧର୍ମଶାଳା ସମେତ ବିଭିନ୍ନ ମଠରେ ଭକ୍ତମାନେ ମୁଣ୍ଡ ଗୁଞ୍ଜୁଥିଲେ। ଧର୍ମଶାଳାରେ ମାତ୍ର ୧୦୦ ଟଙ୍କା ଦେଲେ ରାତିରେ ରହିବାର ବ୍ୟବସ୍ଥା ହୋଇଯାଉଥିଲା। ପୂରା ପରିବାର ଆସିଲେ ୨ଶହ ଟଙ୍କା ଦେଇ ଧର୍ମଶାଳାରେ ରହୁଥିଲେ। ବଗଲା ଧର୍ମଶାଳାରେ ପ୍ରାୟ ୨ଶହ ଭକ୍ତଙ୍କ ରହିବାର ବ୍ୟବସ୍ଥା ଥିଲା। ତେବେ ବଗଲା ଧର୍ମଶାଳା ଅନ୍ୟ ଏକ ମହତ୍ ଉଦ୍ଦେଶ୍ୟ ପାଇଁ ସମର୍ପିତ ହେବା ପରେ ଏବେ ପୁଣି କମ୍ ଦରରେ ଧର୍ମଶାଳା ବ୍ୟବସ୍ଥା ଯୋଗାଇ ଦେବାର ବନ୍ଦୋବସ୍ତ କରିବାକୁ ଯାଉଛନ୍ତି ସରକାର।

ଓବିସିସିର ମହାପ୍ରବନ୍ଧକ ସୁନ୍ଦର ମାଧବ ପାଢ଼ୀ କହିଛନ୍ତି, ଅଗମେଣ୍ଟେସନ୍ ଅଫ୍ ବେସିକ୍ ଆମିନିଟିଜ ଆଣ୍ଡ ଡେଭଲପମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ ଆର୍କିଟେକ୍‌ଚର (ଅବଢ଼ା) ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଭକ୍ତ ଓ ବରିଷ୍ଠ ନାଗରିକଙ୍କୁ ଦୃଷ୍ଟିରେ ରଖି ଏହି ଧର୍ମଶାଳା ନିର୍ମାଣ ଆରମ୍ଭ ହୋଇଛି। ଶ୍ରୀଜୀ କୃପା ଲିମିଟେଡ୍ ଏହାର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ୨୦୨୦ ମସିହାରେ ଏହି ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ ହୋଇଥିଲା। ୨୦୨୨ ମସିହା ଜୁଲାଇରେ ଏହି ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରି ମିଳିଥିଲା। ବାସେଳି ସାହିରେ ମହାପ୍ରଭୁଙ୍କ ଜମିରେ ଏହାର ନିର୍ମାଣ କାର୍ଯ୍ୟ କରାଯାଉଛି। ୬ଟି ବ୍ଲକରେ ଡର୍ମିଟାରି ବ୍ୟବସ୍ଥା ସହ ଲୋକଙ୍କୁ ୨ ଓ ୩ ଶଯ୍ୟା ବିଶିଷ୍ଟ ଧର୍ମଶାଳା କକ୍ଷ ଯୋଗାଇ ଦିଆଯିବ। ଏଠାରୁ ଶ୍ରୀମନ୍ଦିରକୁ ଭକ୍ତମାନେ ଯାତାୟାତ କରିବା ସୁଗମ ହେବ।

## ବ୍ରିଟିଶ ଅମଳର ପାଣିଟାଙ୍କି କହିବ ପଦ୍ମାବତୀ କାହାଣୀ



ପରିକ୍ରମା ମାର୍ଗ ବଖାଣିବ ପଦ୍ମାବତୀ କାହାଣୀ। ବ୍ରିଟିଶ୍ ଅମଳର ପାଣିଟାଙ୍କିରେ ଭକ୍ତ ଦେଖିବେ କାଞ୍ଚି ଅଭିଯାନର ଚିତ୍ର। ଐତିହ୍ୟ ଗ୍ରାମ ରଘୁରାଜପୁରର ପାରମ୍ପରିକ ପଟ୍ଟଚିତ୍ର କଳାରେ ଏହି ଗୌରବମୟ ଗାଥା ଝଟକିବ। ଶ୍ରୀମନ୍ଦିର ପରିକ୍ରମା କରିବା ବେଳେ ଭକ୍ତମାନେ କେବଳ ବ୍ରିଟିଶ ସମୟର ବିଶାଳ ପାଣିଟାଙ୍କି ଦେଖିବେ ନାହିଁ, ବରଂ ୫୦ ଫୁଟ୍‌ର ପାଣି ଟାଙ୍କିରେ ମହାପ୍ରଭୁ ଓ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଗଜପତି ପୁରୁଷୋତ୍ତମ ଦେବ ଏବଂ କାଞ୍ଚି ରାଜକୁମାରୀ ପଦ୍ମାବତୀଙ୍କ କଥାବସ୍ତୁର ଅନୁଭବ ନେଇ ଫେରିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରର ପ୍ରତିଟି ଅଂଶରେ ମହାପ୍ରଭୁଙ୍କ ସଂସ୍କୃତିର ଛାପ ଛାଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶମତେ ଏହି ପଦକ୍ଷେପ ନିଆଯାଇଛି। ପାଣିଟାଙ୍କିର ଶୀର୍ଷରେ ମୋଟ ୮ଟି ଫ୍ଲୋର୍‌ରେ କାଞ୍ଚି ଅଭିଯାନର କଥାବସ୍ତୁର ପ୍ରତିଫଳନ ଦେଖିବାକୁ ମିଳିବ। ୧୯୩୫ ମସିହାରେ ନିର୍ମିତ ବିଶାଳ ପାଣି ଟାଙ୍କିକୁ ଫିକା ଗୋଲାପି ରଙ୍ଗରେ ସଜାଯାଇଛି। ପଟ୍ଟଚିତ୍ରରେ ୮ଟି କଥାବସ୍ତୁରେ ସମୁଦାୟ କାହାଣୀକୁ ଉପସ୍ଥାପନ କରାଯାଇଛି। ମହାପ୍ରଭୁଙ୍କ ପରମ ଭକ୍ତ ଓ ସେବକ ଶ୍ରୀପୁରୁଷୋତ୍ତମ ଦେବ ଦାକ୍ଷିଣାତ୍ୟ ଭ୍ରମଣ ପାଇଁ କାଞ୍ଚି ରାଜ୍ୟରେ ପହଞ୍ଚିବା ପରେ ସେଠାରେ ରାଜକୁମାରୀ ପଦ୍ମାବତୀଙ୍କ ସହ ସାକ୍ଷାତ ଓ ପ୍ରେମ ସମ୍ପର୍କର ପ୍ରାରମ୍ଭିକ କଥାକୁ ଚିତ୍ରିତ କରାଯାଇଛି। ପରବର୍ତ୍ତୀ ଫ୍ଲୋର୍‌ରେ କାଞ୍ଚି ରାଜା ଶ୍ରୀପୁରୁଷୋତ୍ତମ ଦେବଙ୍କୁ ନିଜ ରାଜ ଦରବାରକୁ ଡକାଇ ପଠାଇବା ଏବଂ ସେଠାରେ ପୁରୀ ଗଜପତି ଶ୍ରୀ ପୁରୁଷୋତ୍ତମ ଦେବଙ୍କ ବ୍ୟବହାରରେ ପ୍ରୀତ ହୋଇ ତାଙ୍କ ସହ ପଦ୍ମାବତୀଙ୍କ ପ୍ରେମ ସମ୍ପର୍କକୁ ସ୍ୱୀକୃତି ଦେଇ ବିବାହ ପାଇଁ ରାଜି ହେବା କଥାର ଚିତ୍ର ରହିଛି। ଶ୍ରୀପୁରୁଷୋତ୍ତମ ଦେବଙ୍କ ବିଷୟରେ ସତ୍ୟାସତ୍ୟ ଜାଣିବା ପାଇଁ ଗୁପ୍ତଚରଙ୍କୁ ନିୟୋଜିତ କରିବା ଏବଂ ରଥ ଉପରେ ଶ୍ରୀ ପୁରୁଷୋତ୍ତମ ଦେବ ରଥ ଉପରେ ଛେରା ପହଁରା କରୁଥିବା ଦେଖି ଗୁପ୍ତଚର ଜଣକ ଅସନ୍ତୋଷ ପ୍ରକାଶ କରିବା ଏବଂ ଜଣେ ରାଜା ଝାଡ଼ୁ ମୁଠା ଧରି ଓଳାଉଥିବାରୁ ତାଙ୍କ ସହ ପଦ୍ମାବତୀଙ୍କ ବିବାହ ନକରିବା ପାଇଁ କାଞ୍ଚି ରାଜାଙ୍କୁ ପରାମର୍ଶ ଦେବାର କଥା ରହିଛି। ଏହାପରେ କାଞ୍ଚି ରାଜା ଶ୍ରୀ ପୁରୁଷୋତ୍ତମ ଦେବ ଝାଡ଼ୁ ଧରି ଓଳାଉଥିବା ଦୃଶ୍ୟ ଦେଖି ନିଜ ଝିଅ ତଥା ରାଜକୁମାରୀଙ୍କୁ ଶ୍ରୀ ପୁରୁଷୋତ୍ତମ ଦେବଙ୍କ ସହ ବିବାହ ନକରାଇବା ନିଷ୍ପତ୍ତି ନେବା ଏବଂ ତୁରନ୍ତ ସ୍ୱୟଂମ୍ବର ପର୍ବ ଆୟୋଜନ କରିବାର ଚିତ୍ର ରହିଛି। ଗଜପତି ଶ୍ରୀ ପୁରୁଷୋତ୍ତମ ଦେବ ଏହା ଶୁଣିବା ପରେ କାଞ୍ଚି ରାଜାଙ୍କ ସହ ଯୁଦ୍ଧ ଘୋଷଣା କରିବା ଏବଂ ମହାପ୍ରଭୁଙ୍କ ଶରଣ ପଶି ଯୁଦ୍ଧ ପାଇଁ ବାହାରିବା, ଯୁଦ୍ଧରେ ସ୍ୱୟଂ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମ କଳା ଓ ଧଳା ଘୋଡ଼ାରେ ଯାଇ ଯୁଦ୍ଧରେ ଯୋଗଦେବା, ଯୁଦ୍ଧରେ କାଞ୍ଚି ରାଜା ପରାସ୍ତ ହେବା ପରେ ସେଠାରୁ ପଦ୍ମାବତୀଙ୍କୁ ନେଇ ଶ୍ରୀ ପୁରୁଷୋତ୍ତମ ଦେବ ପୁରୁଷୋତ୍ତମ କ୍ଷେତ୍ରକୁ ଚାଲି ଆସିବା ଏବଂ ଗଜପତିଙ୍କ ସହ ପଦ୍ମାବତୀଙ୍କ ବିବାହ ସମ୍ପନ୍ନ ହେବାର କଥାବସ୍ତୁକୁ ରୂପାନ୍ତର କରାଯାଇଛି। ରଘୁରାଜପୁରର ପଟ୍ଟଚିତ୍ର ଶିଳ୍ପୀ ୟୁନିଭର୍ସ ମହାରଣାଙ୍କ ନେତୃତ୍ୱରେ ମଧୁସୂଦନ ସ୍ୱାଇଁ, ଚରଣ ନାୟକ, ସୁକାନ୍ତ ମହାପାତ୍ର, ସୁରେଶ ମହାରଣା, ପୂର୍ଣ୍ଣଚନ୍ଦ୍ର ପାତ୍ର, ହେମନ୍ତ ବରାଳ, ସୁବାସ ପ୍ରଧାନ ଏହି ପଟ୍ଟଚିତ୍ର ପ୍ରସ୍ତୁତ କରିଛନ୍ତି। ଖରା, ବର୍ଷା, କାକରରେ ଯେପରି ଦୀର୍ଘ ସମୟ ଏହି ପଟ୍ଟଚିତ୍ର ନ ଲିଭେ ସେ ନେଇ ଉଚ୍ଚ ଗୁଣମାନର ରଙ୍ଗ ବ୍ୟବହାର କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ ବେଳେ କାଞ୍ଚି ଅଭିଯାନର କାହାଣୀ ଏବଂ ମାଣିକ ଗଉଡୁଣୀର କଥାବସ୍ତୁକୁ ଭକ୍ତମାନେ ଉପଲବ୍ଧି କରିପାରିବେ।

### ୫୦ ଫୁଟ୍ ଉଚ୍ଚରେ ପଟ୍ଟଚିତ୍ର ପ୍ରଥମ ଅନୁଭୂତି, ସବୁ ତାଙ୍କରି ଇଚ୍ଛାରେ...

ପ୍ରଥମଥର ପାଇଁ ୫୦ ଫୁଟ୍ ଉଚ୍ଚରେ ପଟ୍ଟଚିତ୍ର ଆଙ୍କିବା ଆମ ପାଇଁ ଥିଲା ବଡ଼ ଆହ୍ୱାନ। କେବଳ ମହାପ୍ରଭୁଙ୍କ କାମ ହୋଇଥିବାରୁ ସାହସ ଜୁଟାଇ ପାରିଲୁ। କାମ କରୁଥିବା କୌଣସି ପଟ୍ଟଚିତ୍ର ଶିଳ୍ପୀ ଆଜି ପର୍ଯ୍ୟନ୍ତ ଏତେ ଉଚ୍ଚରେ ପଟ୍ଟଚିତ୍ର ଆଙ୍କିନଥିଲେ। ଏବେ ବାଉଁଶ ଭାରାରେ ଚଢ଼ି ଚିତ୍ର ଆଙ୍କିବା କେବଳ ତାଙ୍କରି କୃପାରୁ ସମ୍ଭବ ହୋଇପାରୁଛି। ଐତିହାସିକ ପ୍ରକଳ୍ପରେ ଆମେ ସ୍ଥାନୀୟ ଚିତ୍ରଶିଳ୍ପୀ ଓ ସେବକ ଭାବେ ଏହି କାର୍ଯ୍ୟ ପାଇବା ସୌଭାଗ୍ୟର କଥା। ଚିତ୍ର ସ୍ଥିରୀକୃତ ହେବା ପରେ ଆମେ ଡିସେମ୍ବର ୨୪ ତାରିଖରେ କାମ ଆରମ୍ଭ କରିଥିଲୁ। ୮୦ ପ୍ରତିଶତ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚିତ୍ରରେ ଯେପରି ଟିକେ ବି ଖୁଣ ନରୁହେ ସେଥିପ୍ରତି ସମସ୍ତେ ଯତ୍ନବାନ ଅଛୁ।

ୟୁନିଭର୍ସ ମହାରଣା (ମୁଖ୍ୟ ପଟ୍ଟଚିତ୍ର ଶିଳ୍ପୀ)

### ମହାପ୍ରଭୁ ସାହସ ଭରିଛନ୍ତି...

ଏହି ପ୍ରାଚୀନ ବ୍ରିଟିଶ ଶାସନ ସମୟର ପାଣି ଟାଙ୍କିକୁ ରଙ୍ଗ କରିବା ସହ ପଟ୍ଟଚିତ୍ରରେ କାଞ୍ଚି ଅଭିଯାନ କଥାବସ୍ତୁ ଚିତ୍ରଣ ପାଇଁ ମୋତେ ଦାୟିତ୍ୱ ଦିଆଗଲା। ମାତ୍ର ଏତେ ଉଚ୍ଚରେ କେହି ପଟ୍ଟଚିତ୍ର କାରିଗର ଚିତ୍ର ଆଙ୍କିବେ ସେ ଭରସା ପାଇନଥିଲା। କାଳେ କାମ ସମୟ ମଧ୍ୟରେ ନ ସରିବ, ସେଥିପାଇଁ ରାଜି ହେଉନଥିଲି। ମାତ୍ର ମୋତେ ବାରମ୍ବାର ନିର୍ଦ୍ଦେଶ ଆସିବାରୁ ମହାପ୍ରଭୁଙ୍କୁ ଡାକି କାମ ଆରମ୍ଭ କରିଥିଲି। ବାସ୍ତବରେ ଅସମ୍ଭବ ମନେ ହେଉଥିବା କାମ ଏବେ ସାକାର ରୂପ ନେବାକୁ ଯାଉଛି। ବାସ୍ତବରେ ଏ କାମ କରିବା ପାଇଁ ମହାପ୍ରଭୁ ହିଁ ସାହସ ଦେଇଥିଲେ। ସେଥିପାଇଁ ଅବଧି ପୂର୍ବରୁ କାମ ସରିବାକୁ ଯାଉଛି। **ସଂଜୀବ କୁମାର ମହାନ୍ତି (ଠିକାଦାର)**



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ର୍ଥ ପର୍ଯ୍ୟାୟରେ...

ରୂପାନ୍ତର ଓଡ଼ିଆ ଜାତିର ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରୀର ବ୍ୟବସ୍ଥା କରାଯାଇଛି । ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି । ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ଏହିସବୁର ଉପଯୋଗରେ ତୁମ ସ୍କୁଲ ମାନଙ୍କରେ ଆସିଛି ରୂପାନ୍ତର । ଯାହାକୁ ତୁମେ ଏବେ ଦେଖୁଛ ଓ ଅନୁଭବ କରୁଛ। ପିଲାମାନଙ୍କ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଂଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି । ସରକାରୀ ସ୍କୁଲ ମାନଙ୍କରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି। ଏବେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ପିଲା ଓ ଅଭିଭାବକ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲ ଗୁଡିକ ଶ୍ରେଷ୍ଠ ମାଧ୍ୟମ ହୋଇଛି । ତେଣୁ ତୁମେମାନେ ଏହି ରୂପାନ୍ତରିତ ସ୍କୁଲର ସଠିକ ଉପଯୋଗ କରି ଭଲ ପାଠ ପଢି ଏକ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ତୁମେମାନେ ତୁମ ଜୀବନରେ ୫-ଟି ନୀତିର ପ୍ରୟୋଗ କର। ଏହା ତୁମ ମାନଙ୍କ ପାଇଁ ସଫଳତା ଆଣିଦେବ। ତୁମେ ମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। ମିଳିମିଶି କାମ କର। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କ୍ରୀଡା କ୍ଷେତ୍ରରେ ଟିମ ୱାର୍କର ବିଶେଷ ଭୂମିକା ରହିଛି । ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କର। ସମୟ ହେଉଛି ତୁମ ମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ। ସମୟକୁ ନଷ୍ଟ ନ କରି ତାର ଉପଯୋଗ କର ଏହି ଚାରୋଟି ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରି ରୂପାନ୍ତର ଆସିବ। କାର୍ଯ୍ୟକ୍ରମରେ ଯୋଗ ଦେଇ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ କହିଲେ ଯେ ୨୦୨୧ ଫେବୃଆରୀ ୧୬ ରୁ ମୁଖ୍ୟମନ୍ତ୍ରୀ ହିଞ୍ଜିଳିକାଟୁରୁ ସ୍କୁଲ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଥିଲେ । ଚତୁର୍ଥ ପର୍ଯ୍ୟାୟରେ ଆମେ ପହଞ୍ଚିଛୁ। ସ୍ଥାନୀୟ ଜନପ୍ରତିନିଧି, ସ୍କୁଲ ପରିଚାଳନା କମିଟି ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇ ସେ କହିଲେ ଯେ ଆପଣମାନଙ୍କ ସମସ୍ତଙ୍କ ଆନ୍ତରିକ ସହଯୋଗ ଯୋଗୁଁ ଆମେ ଏହି ସଫଳତା ହାସଲ କରିଛୁ । ୫-ଟି ସ୍କୁଲ ରୂପାନ୍ତର ଆଜି ପିଲାଙ୍କ ମଧ୍ୟରେ ଭଲ ପାଠ ପଢି ବଡ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି ବୋଲି ସେ କହିଥିଲେ। ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସଂପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଗଞ୍ଜାମରେ ୧୦ମ ଶ୍ରେଣୀର ଛାତ୍ର ରୁଦ୍ରପ୍ରସାଦ ସାହୁ, ଝାରସୁଗୁଡାର ୧୦ମ ଶ୍ରେଣୀ ଛାତ୍ରୀ ଋତୁପର୍ଣ୍ଣା ବେହେରା, ଜଗତସିଂହପୁରରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ପଣ୍ଡା, କେନ୍ଦ୍ରପଡାରେ ୧୦ମ ଶ୍ରେଣୀ ଛାତ୍ର ସୁବ୍ରତ କୁମାର ସାହୁ ଏବଂ ବରଗଡରେ ୧୦ମ ଶ୍ରେଣୀ ଛାତ୍ରୀ ସାଇପ୍ରିୟା ଭୁଏ ପ୍ରମୁଖ ସେମାନଙ୍କ ମତାମତ ଦେଇ କହିଲେ ଯେ ଆମେ ଏବେ ଆମର ସ୍ୱପ୍ନର ସ୍କୁଲ ପାଇଛୁ । ଆମ ସ୍କୁଲରେ ଏବେ ସ୍ମାର୍ଟ କ୍ଲାସ ରୁମ୍, ଡିଜିଟାଲ ଇଣ୍ଟରଆକ୍ଟିଭ ବୋର୍ଡ, ଇ-ଲାଇବ୍ରେରୀ, କମ୍ପ୍ୟୁଟର, ଇଣ୍ଟରନେଟ, ଆଧୁନିକ ଟଏଲେଟ୍, ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା, ଉନ୍ନତ ଖେଳ ପଡିଆ, ଖେଳ ଉପକରଣସବୁ ସୁବିଧା ରହିଛି । ସ୍ମାର୍ଟ ସ୍କୁଲର ଆମେ ଏବେ ସ୍ମାର୍ଟ ଛାତ୍ରଛାତ୍ରୀ। ଆମେ ଏବେ ଆମର ଶିକ୍ଷା ଓ ଆମର ଭବିଷ୍ୟତ ନେଇ ଦୃଢ ଆତ୍ମବିଶ୍ୱାସର ସହ ଆଗକୁ ବଢିବାର ପ୍ରେରଣା ପାଇଛୁ। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ, ସାଂସଦ, ବିଧାୟକ, ଗଂଜାମ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଝାରସୁଗୁଡ଼ା ଓ ବରଗଡ଼ର ଜିଲ୍ଲାପାଳଙ୍କ ସମେତ ଛାତ୍ରଛାତ୍ରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ । ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ।

## ୧୭୧୪ କୋଟିର...

ଜଣଙ୍କ ପାଇଁ ନିଯୁକ୍ତିସୁଯୋଗ ସୃଷ୍ଟି ହେବ । ସେହିପରି ଆନନ୍ଦ ଏକ୍ସପୋର୍ଟ ଯାଜପୁରରେ ସ୍ଥାପନ କରିବାକୁ ଥିବା ଶିଳ୍ପରେ ୨୮୨୮ ଜଣଙ୍କୁ ନିଯୁକ୍ତି ମିଳିବ। ସ୍କାଏ ମେଟାଲ ପକ୍ଷରୁ କଳିଙ୍ଗନଗରରେ ମେଟାଲ ଡାଉନଷ୍ଟ୍ରିମ ୟୁନିଟ ପ୍ରତିଷ୍ଠା କରାଯିବ। ୧୦୧ କୋଟି ଟଙ୍କାର ପ୍ରକଳ୍ପରେ ୧୦୫ ଜଣଙ୍କୁ ନିଯୁକ୍ତି ମିଳିବ। ରାଜ୍ୟ ପର୍ଯ୍ୟଟନ ଶିଳ୍ପର ସମୃଦ୍ଧି ପାଇଁ ବିଳାସପୂର୍ଣ୍ଣ ରିସର୍ଟ ଓ ହୋଟେଲ ଶିଳ୍ପ ନିମନ୍ତେ ଆଗ୍ରହ ପ୍ରଦର୍ଶନ କରିଥିବା ମହିନ୍ଦ୍ରା ହଲିଡେଜ ଆଣ୍ଡ ରିସର୍ଟ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ବ୍ରହ୍ମପୁରର ବାହୁଡ଼ା ନଦୀ ମୁହାଣ ନିକଟରେ ସୋନାପୁର ବେଳାଭୂମିରେ ଏହି ସଂସ୍ଥା ଏକ ବିଳାସପୂର୍ଣ୍ଣ ରିସର୍ଟ ନିର୍ମାଣ କରିବ । ଏଥିପାଇଁ ସଂସ୍ଥା ୨୮.୪୫ କୋଟି ଟଙ୍କା ନିବେଶ କରିବ ଏବଂ ଗଞ୍ଜାମ ଓ ଚିକିଟି ଅଞ୍ଚଳର ୧୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟିଏଲ ବିଚ୍ ରିସର୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପୁରୀର ସିପସରୁବାଲିଠାରେ ଚାରି ତାରକା ହୋଟେଲ ସହ ସମ୍ମିଳନୀ କକ୍ଷ କରିବା ପାଇଁ ଅନୁମତି ମିଳିଛି ।୧୩୨.୧୬ କ୍ୱୋଟି ଟଙ୍କାରେ ଏହି ପ୍ରକଳ୍ପ ଦ୍ୱାରା ୨୫୦ ଜଣ ନିଯୁକ୍ତି ପାଇବେ ହୋଟେଲ ରଶ୍ମି ପ୍ଲାଜା ଓପିସି ପ୍ରାଇଭେଟ ଲିମିଟେଡ ପକ୍ଷରୁ ଝାରସୁଗୁଡ଼ାରେ ଏକ ଚାରିତାରକା ହୋଟେଲ ନିର୍ମାଣ ହେବ। ଏଥିରେ ୭୦.୭୪ କୋଟି ଟଙ୍କା ନିବେଶ ହେବ ଓ ୨୧୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଅନୁରୂପ ଭାବରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ ୧୧୦.୨୪ କୋଟି ଟଙ୍କା ବିନିଯୋଗରେ ଯାଜପୁରରେ କଳିଙ୍ଗନଗରଠାରେ ଅକ୍ଷୟଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ, ଯେଉଁଠାରେ ୬୦ ଜଣ ନିଯୁକ୍ତି ପାଇବେ। ଏସିକେମ ରିମେଡି ପ୍ରାଇଭେଟ ଲିମିଟେଡ ପକ୍ଷରୁ ୫୩ କୋଟି ଟଙ୍କା ନିବେଶରେ ଫାର୍ମାସିଟିକାଲ କେନ୍ଦ୍ର ଖୋଲାଯିବ। ଏହାଦ୍ୱାରା ୧୬୩ ଜଣଙ୍କୁ ନିଯୁକ୍ତି ମିଳିବ। ଭେଷ୍ଟ ପାଓ୍ୱାର ଇକ୍ୱିପମେଣ୍ଟ ଇଣ୍ଡିଆ ପକ୍ଷରୁ ଖୋର୍ଦ୍ଧାରେ ୫୨.୭୫ କୋଟି ଟଙ୍କା ବିନିଯୋଗରେ ବୈଦ୍ୟୁତିକ ସରଞ୍ଜାମ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ ଏବଂ ଏଠାରେ ୩୫୦ ଜଣଙ୍କୁ କର୍ମ ନିଯୁକ୍ତି ମିଳିବ। ଓରିବେକ ପକ୍ଷରୁ ୫୧.୮୦ କୋଟି ଟଙ୍କା ବିନିଯୋଗରେ କଟକଠାରେ ଏକ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୨୮୦ ଜଣଙ୍କୁ ନିଯୁକ୍ତି ମିଳିବ। ସନ ଆଗ୍ରୋ ଫୁଡ୍ ପକ୍ଷରୁ ଯାଜପୁରରେ ୫୦.୪୩ କୋଟି ଟଙ୍କା ବିନିଯୋଗରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରିବ, ଏଥିରେ ୯୮ ଜଣଙ୍କୁ ନିଯୁକ୍ତି ମିଳିବ। ଏସ୍‌ଏମ୍‌ସିବି ପକ୍ଷରୁ ୬୧.୩୦ କୋଟି ଟଙ୍କା ବିନିଯୋଗରେ ଜଗତସିଂହପୁରଠାରେ ପ୍ଲାଷ୍ଟିକ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୨୧୫ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଟେକ୍ନୋ ଇଣ୍ଡିଆ ଖୋର୍ଦ୍ଧାରେ ୫୧ କୋଟି ଟଙ୍କା ବିନିଯୋଗରେ ପ୍ଲାଷ୍ଟିକ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ମିଳିବ। ମେଡିଏଡ ମାର୍କେଟିଂ ସଂସ୍ଥା ପକ୍ଷରୁ ୫୦.୭୮ କୋଟି ଟଙ୍କା ବିନିଯୋଗରେ କଟକରେ ପ୍ଲାଷ୍ଟିକ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରେ ୭୫ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ସରକାରୀ ସ୍କୁଲରେ ...

ସେ ଆଜି ଭାରତୀୟ ସିନେମା ଜଗତର ଜଣେ ଆଗ ଧାଡ଼ିର ନିର୍ଦ୍ଦେଶକ । ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରି ବେଶ ପ୍ରଶଂସା ସାଉଁଟିଛନ୍ତି ନୀଳମାଧବ । ସିନେମା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଆଉ ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଜଷ୍ଟିସ ସଂଜୟ ମିଶ୍ର । ବଲାଙ୍ଗିର ପୃଥୀରାଜ ସରକାରୀ ହାଇସ୍କୁଲରୁ ପାଠ ପଢି ସେ ଝାରଖଣ୍ଡର ହାଇକୋର୍ଟରେ ମୁଖ୍ୟ ବିଚାରପତି ହୋଇପାରିଥିଲେ । ବଲାଙ୍ଗିରର ସେଇ ପୃଥୀରାଜ ହାଇସ୍କୁଲରୁ ପାଠ ପଢିଥିବା ଅରୁଣ ଷଡ଼ଙ୍ଗୀ ଆଜି ଓଡିଶାର ପୋଲିସ ଡିଜି ପାହ୍ୟାକୁ ଯାଇପାରିଛନ୍ତି । ଆଉଜଣେ ଆତ୍ମବିଶ୍ୱାସର ଭରପୁର ଥିବା ବ୍ୟକ୍ତିତ୍ୱ ପାୟଲଙ୍କ ଉଦାହରଣ ଦେଇଥିଲେ ପାଣ୍ଡିଆନ । ଦୁର୍ଘଟଣାରେ ତାଙ୍କର ଦୁଇ ହାତ ଓ ଗୋଡ଼ ସେ ହରାଇଛନ୍ତି । ତେବେ ପାୟଲଙ୍କ ଭିତରେ ଥିବା ଗଭୀର ଆତ୍ମବିଶ୍ୱାସ ତାଙ୍କୁ ବଡ଼ ଲକ୍ଷ୍ୟ ହାସଲ କରିବାକୁ ଦେଇଛି ଶକ୍ତି । ପାରା ଆଥଲେଟିକ୍ ପାଇଁ ଅଭ୍ୟାସ କରୁଛନ୍ତି ବଲାଙ୍ଗିର ଝିଅ ପାୟଲ। ନିକଟରେ ସେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇଛନ୍ତି । ନିଜେ ମଧ୍ୟ ସରକାରୀ ସ୍କୁଲରେ ପାଠ ପଢି ଆଇଏଏସ ହୋଇପାରିଥିଲେ ବୋଲି ପାଣ୍ଡିଆନ ପିଲାମାନଙ୍କୁ କହିଥିଲେ । ପ୍ରତିଦିନ ୨୦ କିଲୋମିଟର ସାଇକେଲ ଚଳାଇ ସ୍କୁଲକୁ ଯା ଆସ କରୁଥିଲେ । ସରକାରୀ ସ୍କୁଲରେ ପାଠପଢି କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ଏ ସମସ୍ତେ ଆଜି ସଫଳତା ହାସଲ କରି ସଫଳ ବ୍ୟକ୍ତିତ୍ୱର ପରିଚୟ ପାଇଛନ୍ତି। ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶର ଉନ୍ନତି ଲାଗି ଏହି ନୂଆ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ କରିଛନ୍ତି। ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଜୀବନର ଗୋଲଡେନ ପିରିୟଡରେ ଅଛନ୍ତି। ୫ବର୍ଷରେ ଯାହା କରିବେ ତା ଉପରେ ନିର୍ଭର କରିବ ଆଗାମୀ ୫୦ ବର୍ଷ କେମିତି କଟିବ । ସଫଳତା ଲାଗି ପାଠ ପଢିବା ଜରୁରୀ । ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ କରିବାକୁ ପଡିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡିବ। କୋ-କରିକୁଲାର କାର୍ଯ୍ୟକ୍ରମରେ ଭାଗ ନେଲେ ସେମାନଙ୍କର ବ୍ୟକ୍ତିତ୍ୱର ସାମଗ୍ରିକ ଉନ୍ନତି ହେବ। ସଫଳ ହେବାକୁ ହେଲେ ବ୍ୟକ୍ତିତ୍ୱ ବିକାଶ କରିବାକୁ ପଡିବ। ସେଥିଲାଗି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଛାତ୍ରଛାତ୍ରୀଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଏହି ଚିନ୍ତାଧାରାକୁ ନେଇ ମୁଖ୍ୟମନ୍ତ୍ରୀ ଏହି ନୂଆ-ଓ ପ୍ଲାଟଫର୍ମ ଦେଇଛନ୍ତି। କଠିନ ପରିଶ୍ରମ କରିବାକୁ ହେଲେ ଆପଣମାନଙ୍କୁ ସୁସ୍ଥ ରହିବାକୁ ପଡିବ । ସୁସ୍ଥ ରହିବାକୁ କମରେ ୩୦ମିନିଟ ଶାରୀରିକ ବ୍ୟାୟାମ ସହ ମସ୍ତିଷ୍କର ବିକାଶ ଲାଗି ୧୫ ମିନିଟ ଧ୍ୟାନ କରନ୍ତୁ ବୋଲି କହିଛନ୍ତି ଫାଇଭ ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ। ଏ ଫିଟ ବଡି ଗିଭ୍ ଫିଟ୍ ମାଇଣ୍ଡ୍। ସୁସ୍ଥ ରହିଲେ ମନ ସୁସ୍ଥ ରହିବ ଏବଂ ପରିଶ୍ରମ କରିପାରିବେ। ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ହେଲେ ଦିନରାତି ଏକ କରି ପଢିବାକୁ ପଡିବ । କଠିନ ପରିଶ୍ରମ କରିବା ସହ ବାପା ମା ଓ ଗୁରୁଜନଙ୍କ କଥା ମାନିବାକୁ ଛାତ୍ରଛାତ୍ରୀଙ୍କୁ କହିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ବୁଲେଟ ଟ୍ରେନ ପ୍ରକଳ୍ପ...

ମଧ୍ୟରେ ହାଇ ସ୍ପିଡ ରେଳ ଲାଇନ ନିର୍ମାଣ କରାଯାଉଛି। ନ୍ୟାସନାଲ ହାଇ ସ୍ପିଡ ରେଳ ନିଗମ ଲିମିଟେଡ (ଏନଏଚଏସଆରସିଏଲ୍) ପକ୍ଷରୁ କୁହାଯାଇଛି ଯେ ମୁମ୍ବାଇ-ଅହମ୍ମଦାବାଦ ରେଳ କରିଡର ପାଇଁ ଗୁଜୁରାଟ, ମହାରାଷ୍ଟ୍ର ଏବଂ ଦାଦର ଏବଂ ନାଗର ହାଭେଲିରେ ଶତପ୍ରତିଶତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି । ଏହି ପ୍ରକଳ୍ପ ପାଇଁ ସମସ୍ତ ଟେଣ୍ଡର ଗୁଜୁରାଟ ଏବଂ ମହାରାଷ୍ଟ୍ରକୁ ପ୍ରଦାନ କରାଯାଇଛି।

## ଆଜିଠାରୁ ଶ୍ରୀକ୍ଷେତ୍ରରେ ...

ଆରତି, ପୁଷ୍ପାଞ୍ଜଳି, ପ୍ରଦକ୍ଷିଣ କରାଯିବ। ୧୬ ତାରିଖରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ଶାଳ ପ୍ରବେଶ, ପଞ୍ଚକର୍ମ, ମଣ୍ଡଳପୂଜା, ହବନ, ଆରତି, ପୁଷ୍ପାଞ୍ଜଳି ପ୍ରଦକ୍ଷିଣ କରାଯିବ। ୧୭ ତାରିଖରେ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ପୂଜା କରାଯିବ। ପରେ ଅପରାହ୍ନ ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ କରାଯିବ। ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞ ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ଅପରାହ୍ନ ୨ଟାରୁ ୨ଟା ୩୦ ମଧ୍ୟରେ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା କରାଯିବ। ଅପରାହ୍ନ ୨ଟା ୩୦ରୁ ୩ଟା ପର୍ଯ୍ୟନ୍ତ ସଭାଗୃହରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଅପରାହ୍ନ ୩ଟା ପରେ ସର୍ବସାଧାରଣ ପରିକ୍ରମା ମାର୍ଗକୁ ଯାଇପାରିବେ । ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଲାଇଟ ଏବଂ ସାଉଣ୍ଡ ସୋର ବ୍ୟବସ୍ଥା କରାଯାଇଥିବାର ସୂଚନା ମିଳିଛି।

## ପ୍ରଥମ ବିଶ୍ୱ ଓଡ଼ିଆ...

ମତ ବିନିମୟ ପାଇଁ ଏହି ସମ୍ମିଳନୀ ଏକ ସୁନ୍ଦର ମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ମୁଁ ଆଶା କରୁଛି । ସେ କହିଛନ୍ତି ଯେ ଆଧୁନିକ ଭାରତବର୍ଷରେ ଓଡ଼ିଶା ହେଉଛି ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷା ଅନ୍ୟତମ ଶାସ୍ତ୍ରୀୟ ଭଷାର ମାନ୍ୟତା ଲାଭକରି ଆମ ମାଟି ଏବଂ ଭାଷାର ଗୌରବ ବୃଦ୍ଧି କରିଛି । ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରାଯାଇଛି। ସେ ପୁଣି କହିଛନ୍ତି ଯେ ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଆମ ଭବିଷ୍ୟତ ପିଢ଼ିଙ୍କ ପାଖରେ କିପରି ଓଡ଼ିଆ ଭାଷାର ଆଦର ବଢ଼ିବ ଏବଂ ଆଧୁନିକ ଜ୍ଞାନକୌଶଳ ଜରିଆରେ ଆମ ଭାଷା କିପରି ଆଗକୁ ବଢ଼ିପାରିବ ସେ ସମ୍ପର୍କରେ ବିଚାର- ବିମର୍ଷ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ।

## ଭୁବନେଶ୍ୱରକୁ ୱାଟର ...

ଇନ୍ଦୋର ସପ୍ତମ ଥର ପାଇଁ ପ୍ରଥମ ସ୍ଥାନରେ ରହିଛି। ଇନ୍ଦୋର ସହିତ ମିଳିତ ଭାବେ ସୁରଟ ମଧ୍ୟ ଚଳିତ ବର୍ଷ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିଭଳି ମହାରାଷ୍ଟ୍ରର ନାଭି ମୁମ୍ବାଇ ତୃତୀୟ ସ୍ଥାନରେ ରହିଥିବା ବେଳେ ଆନ୍ଧ୍ରପ୍ରଦେଶର ବିଶାଖାପାଟନମ ଚତୁର୍ଥ ଏବଂ ମଧ୍ୟପ୍ରଦେଶର ଭୋପାଳ ୫ମ ସ୍ଥାନ ଅଧିକାର କରିଛି। ଦିଲ୍ଲୀର ଭାରତ ମଣ୍ଡପମ ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରୀ ହରଦୀପ ସିଂ ପୁରୀ ସମସ୍ତ ବିଜେତା ରାଜ୍ୟ ଓ ସହରର ପ୍ରତିନିଧୀମାନଙ୍କୁ ସମ୍ମାନିତ କରିଛନ୍ତି।

## ଫେବ୍ରୁଆରୀ ୧ରେ ...

ସରକାର ଏକ କାମଚଳା ବଜେଟ ଉପସ୍ଥାପନ କରିବେ। ନିର୍ବାଚନ ପରେ ନୂଆ ସରକାର ଗଠନ ହେବା ପରେ ଲୋକସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ । ଲୋକସଭା ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟ ଆସୁଥିବାରୁ ଏହି ଅଧିବେଶନ ଉପରେ ସମସ୍ତଙ୍କ ନଜର ରହିବ। କାରଣ ସରକାର ଭୋଟରଙ୍କୁ ଆକୃଷ୍ଟ କରିବାକୁ କେତେକ ଲୋଭନୀୟ ଘୋଷଣା କରିପାରନ୍ତି । ଆୟକର ସୀମା ବଢିପାରେ । ଅନ୍ତରୀଣ ବଜେଟରେ କୃଷକମାନଙ୍କ ପାଇଁ ପିଏମ କିଷାନ ସମ୍ମାନ ନିଧିକୁ ଦୁଇଗୁଣା କରିବାକୁ ପ୍ରସ୍ତାବ ଆସିପାରେ ଖାଲି ସେତିକି ନୁହେଁ, ମହିଳାଙ୍କୁ ନେଇ ମଧ୍ୟ କିଛି ବଡ ଘୋଷଣା ହୋଇପାରେ।

E-Mail:rw.kamakhyanagar@yahoo.co.in
O-2188
Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar
e-procurement Notice No 15 Road Work / 2023-24.

1. Name of the wor : Road Works
2. Total No. of Works : 20 (Twenty) Nos
3. Tender Cost : Rs.5.04 to 25.21 lakhs (approx.)
4. Class Contractor : "D","C" & "B" Class
5. Period of Completion : 45 days
6. Availability of Tender online for bidding : 18.01.2024 at 11.00 A.M to 24.01.2024 up to 5.00 P.M
7. Last Date & Time of seeking tender clarification : 23.01.2024, upto 4.00 PM
8. Date & Time of opening of tender: 25.01.2024 at 11.00 A.M

Other Details can be seen from the website http://tendersorissa.gov.in.

Sd/- Executive Engineer
R.W. Division-II, Dhenkanal.
Kamakhyanagar
OIPR-25094/11/0019/2324

CAD-3680
ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୭୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍ : www.oshb.org
ବିଜ୍ଞାପନ
ପତ୍ର ସଂଖ୍ୟା ୬ ତା.: ୦୬.୦୧.୨୦୨୪

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ତ୍ରମ୍ବୁତ୍ରମା ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘରନଂ-ଏଲ୍.ଆଇ.ଜି.-୧୮୮୫ (LIG-1885), ଟି ର ଆବଣ୍ଟନ ଗ୍ରହୀତା ଙ୍କ ମୃତ୍ୟୁ ପରେ ୧-ଶ୍ରୀମତୀ ସୌଦାମିନି ସୁବୁଦ୍ଧି @ ବରାଳ, ସ୍ୱାମୀ-ଅଶୋକ କୁମାର ବରାଳ, ପିତା-୰ଦୁଃଶାସନ ସୁବୁଦ୍ଧି ଓ ୨-ଶ୍ରୀମତୀ ମନ୍ଦାକିନି ସୁବୁଦ୍ଧି @ ପ୍ରଧାନ, ସ୍ୱାମୀ-ପ୍ରତାପ କୁମାର ପ୍ରଧାନ, ପିତା-୰ଦୁଃଶାସନ ସୁବୁଦ୍ଧି, ୩- ଶ୍ରୀ ସନ୍ତୋଷ କୁମାର ସୁବୁଦ୍ଧି, ପିତା-୰ଦୁଃଶାସନ ସୁବୁଦ୍ଧି, ସା-ପଞ୍ଚୁପଲ୍ଲୀ, ପୋ-ରେଟଙ୍ଗ, ଥା-ଏୟାର ଫିଲଡ୍, ଜିଲ୍ଲା-ଖୋର୍ଦ୍ଧା। ବର୍ତ୍ତମାନ ଉକ୍ତ ରେକର୍ଡ଼ଧାରୀ ଙ୍କ ମଧ୍ୟରୁ ୧-ଶ୍ରୀମତୀ ସୌଦାମିନି ସୁବୁଦ୍ଧି @ ବରାଳ ଓ ୨-ଶ୍ରୀମତୀ ମନ୍ଦାକିନି ସୁବୁଦ୍ଧି @ ପ୍ରଧାନ ଉକ୍ତ ଗୃହଟିରେ ଥିବା ତାଙ୍କର ସତ୍ୱ ଅଂଶ କୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ତାଙ୍କର ତିନି ନମ୍ବର ଅଂଶିଦାର ଶ୍ରୀ ସନ୍ତୋଷ କୁମାର ସୁବୁଦ୍ଧି, ପିତା-୰ଦୁଃଶାସନ ସୁବୁଦ୍ଧି, ସା-ପଞ୍ଚୁପଲ୍ଲୀ, ପୋ-ରେଟଙ୍ଗ, ଥା-ଏୟାର ଫିଲିଡ୍, ଜିଲ୍ଲା-ଖୋର୍ଦ୍ଧା ଙ୍କ ନାମରେ ସେମାନଙ୍କର ଅଂଶର ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0601/2324

# କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଜ୍ଞାବଦ୍ଧ : ଦିଲୀପ ତିର୍କୀ

**ଝାରସୁଗୁଡ଼ା,ନ୍ୟୁଜ୍‌ବ୍ୟୁରୋ**




ଝାରସୁଗୁଡ଼ା ଜିଲ୍ଲା ପକ୍ଷରୁ ଜିଲ୍ଲାରେ ନୂଆ-ଓ କାର୍ଯ୍ୟକ୍ରମର କ୍ରୀଡ଼ା ପ୍ରକ୍ରିୟା ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ହକି ସଂଘର ସଭାପତି ପଦ୍ମଶ୍ରୀ ଡଃ ଦିଲୀପ କୁମାର ତିର୍କୀ ଷ୍ଟାର ଗେଷ୍ଟ ଭାବରେ ଯୋଗ ଦେଇ ଉପସ୍ଥିତ ଥିବା ସ୍କୁଲ, କଲେଜ ବାଳକ, ବାଳିକା ଓ କ୍ରୀଡ଼ାପ୍ରେମୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ରାଜ୍ୟର ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ପ୍ରତିଜ୍ଞାବଦ୍ଧ। ତାହାର ଜ୍ୱଳନ୍ତ ପ୍ରମାଣ ହେଉଛି, କଳିଙ୍ଗ ଷ୍ଟାଡିୟମ ଓ ଏସିଆରେ ବୃହତ୍ ହକି ଷ୍ଟାଡ଼ିୟମ ବିଶ୍ରା ମୁଣ୍ଡା ରାଉରକେଲା। ଯେ କୌଣସି କ୍ରୀଡ଼ାରେ ମନ ଦେଇ ଖେଳି ରାଜ୍ୟ ପାଇଁ ସୁନାମ ଆଣିବାକୁ ଚେଷ୍ଟା କରିବା ଉଚିତ। ରାଜ୍ୟ ସରକାର କ୍ରୀଡ଼ାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କ୍ରୀଡ଼ାବିତ୍‌ମାନେ ଏହାର ସୁଯୋଗ ନେବା ପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ଆହ୍ୱାନ କରିଥିଲେ । ଅତି ଅଳ୍ପ ଦିନରେ ଝାରସୁଗୁଡ଼ା ଜିଲ୍ଲା ହକିରେ ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିପାରିଥିବାରୁ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଯୋଗ ଦେଇ କ୍ରୀଡ଼ା ଉତ୍ସବ ସଫଳ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ। ବିଜୟୀ ଦଳମାନଙ୍କୁ ଟ୍ରଫି ସହ ଅର୍ଥରାଶି ପୁରସ୍କୃତ କରାଯାଇଥିଲା। ହକି ଆସୋସିଏସନର ଓଡ଼ିଶାର ଉପ-ସଭାପତି ଜୀବନ ମହାନ୍ତି ଅତିଥିଙ୍କର ପରିଚୟ ପ୍ରଦାନ କରି ଥିବା ବେଳେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

ଜିଲ୍ଲାରେ ଥିବା ୩ଟି ପୌରପରିଷଦ, ୫ଟି ବ୍ଲକ୍‌ର ୮ଟି ପୁରୁଷ, ମହିଳା ଦଳଗୁଡ଼ିକ ହକି, ଫୁଟ୍‌ବଲ୍, କବାଡ଼ି, ଖୋଖୋ, କ୍ରିକେଟ, ଭଲିବଲ ଖେଳରେ ଅଂଶ ଗ୍ରହଣ କରିଥିଲେ। ସକାଳ ୧୦ଟାରେ ଝାରସୁଗୁଡ଼ା ହଂସାମରା କଟାପାଲି ଠାରେ ଥିବା ହକି (ଗ୍ରାସ) ଷ୍ଟାଡ଼ିୟମରେ ହକି ମହିଳା ଫାଇନାଲ ମ୍ୟାଚ୍ ଲଖନପୁର ଓ (ଝାରସୁଗୁଡ଼ା ପୌରପରିଷଦ) ଦିଲୀପ ତିର୍କୀ ସ୍ପୋର୍ଟସ ଏକାଡେମୀ ମଧ୍ୟରେ ହୋଇଥିଲା। ଦିଲୀପ ତିର୍କୀ ସ୍ପୋର୍ଟସ ଏକାଡେମୀ ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ପୁରୁଷ ହକି କିରିମିରା ବ୍ଲକ ଓ ଲଇକେରା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇ ୪-୦ ଗୋଲରେ ଲଇକେରା ବିଜୟୀ ହୋଇଥିଲା। କ୍ରିକେଟରେ ଝାରସୁଗୁଡ଼ା ପୌରପରିଷଦ ଓ ବ୍ରଜରାଜନଗର ପୌରପରିଷଦ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇ ଝାରସୁଗୁଡ଼ା ପୌର ପରିଷଦ ବିଜୟୀ ହୋଇଥିଲା। ମହିଳାରେ କିରିମିରା ବ୍ଲକ୍ ଓ କୁଲାବିରା ବ୍ଲକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇ କୁଲାବିରା ବ୍ଲକ ବିଜୟୀ ହୋଇଥିଲା। ପୁରୁଷ ଫୁଟବଲରେ ଝାରସୁଗୁଡ଼ା ପୌର ପରିଷଦ ଓ କିରିମିରା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇ ଝାରସୁଗୁଡା ପୌରପରିଷଦ ବିଜୟୀ ହୋଇଥିଲା। ମହିଳାରେ ଝାରସୁଗୁଡା ପୌର ପରିଷଦ ଓ ବ୍ରଜରାଜନଗର ପୌର ପରିଷଦ ମଧ୍ୟରେ ଅନୁଷ୍ଠିତ ହୋଇ ଝାରସୁଗୁଡା ପୌରପରିଷଦ ବିଜୟୀ ହୋଇଥିଲା। ପଦ୍ମଶ୍ରୀ ଡଃ ଦିଲୀପ ତିର୍କୀଙ୍କର ସହିତ ଫଟୋ ଉଠାଇବା ପାଇଁ ଛାତ୍ର, ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରବଳ ଆଗ୍ରହ ପ୍ରକାଶ କରିଥିଲେ।

୨ୟ ଓଏସ୍‌ଏପି ପଡ଼ିଆରେ ଫୁଟ୍‌ବଲ୍ ଫାଇନାଲରେ ପୁରୁଷ, ମହିଳାରେ ବିଜୟୀ ଦଳ ଝାରସୁଗୁଡ଼ା ପୌର ପରିଷଦ, କବାଡ଼ିରେ ପୁରୁଷ, ମହିଳାରେ ବ୍ରଜରାଜନଗର ଖୋଖୋରେ ଝାରସୁଗୁଡ଼ା ପୌର ପରିଷଦ, ଭଲିବଲ ପୁରୁଷ, ମହିଳାରେ ଲଖନପୁର ବିଜୟୀ ଦଳକୁ ଝାରସୁଗୁଡା ଏସ୍.ପି ପି.ସ୍ମିତ ପରମାର ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ଭାବରେ ଉପ-ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

# ଓଡ଼ିଶାରେ ଅନଗ୍ରସର ସମ୍ପ୍ରଦାୟର ଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ ବେଦାନ୍ତର 'ପ୍ରୋଜେକ୍ଟ ପଂଛି' ଶୁଭାରମ୍ଭ

**ଝାରସୁଗୁଡ଼ା,ନ୍ୟୁଜ୍‌ବ୍ୟୁରୋ**




ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଝାରସୁଗୁଡ଼ାରେ ପ୍ରୋଜେକ୍ଟ ପଂଛିର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଥିଲା। ବେଦାନ୍ତର ଚେୟାରମ୍ୟାନ ଶ୍ରୀ ଅନୀଲ ଅଗ୍ରୱାଲଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ପ୍ରୋଜେକ୍ଟ ପଂଛି ହେଉଛି ବେଦାନ୍ତର ଅଭିନବ କର୍ପୋରେଟ ନିଯୁକ୍ତି ଡ୍ରାଇଭ। ଯାହା ଧାତୁ, ଖଣି, ତୈଳ ଏବଂ ଗ୍ୟାସ୍ ସ୍ଥିତ ପାନ-ଇଣ୍ଡିଆରେ ବିଭିନ୍ନ ବ୍ୟବସାୟରେ ଆର୍ଥିକ ଅନଗ୍ରସର ପଛୁଆ ସମ୍ପ୍ରଦାୟର ୧୦୦୦ ବାଳିକାଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛି। ଏହି ଡ୍ରାଇଭର ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଆୟ। ପରିବାରର ବାଳିକାମାନେ, ଯେଉଁମାନେ ଆର୍ଥିକ ଏବଂ ସାମାଜିକ ପ୍ରତିବନ୍ଧକ ହେତୁ ପରବର୍ତ୍ତୀ ଅଧ୍ୟୟନ ତଥା ଏକ ପୂର୍ଣ୍ଣ କ୍ୟାରିୟର ଗଢ଼ି ପାରୁନାହାଁନ୍ତି, ସେମାନଙ୍କୁ ସାହାଯ୍ୟ କରିବା।

ଝାରସୁଗୁଡ଼ାରେ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟର ଅଂଶ ଭାବରେ ୪୫ ଜଣ ଯୁବତୀ ନିଯୁକ୍ତି ପାଇଁ ଚିହ୍ନଟ ହୋଇଛନ୍ତି । ଯୁବତୀମାନଙ୍କୁ ସେମାନଙ୍କର ଅଫର ପତ୍ର ପ୍ରଦାନ କରାଯାଇଥିଲା ଏବଂ ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ ସୁନୀତା କିସାନ ଏବଂ ଜିଲ୍ଲା ନିଯୁକ୍ତି ବିନିମୟ ଅଧିକାରୀ ସୁଶ୍ରୀ ସଂଗୀତ ମେହେରଙ୍କ ଦ୍ୱାରା ସମର୍ପିତ ହୋଇଥିବାବେଳେ ଦୀପାଲି ଦାସ, ବିଧାୟକଙ୍କ ସହ କଲେକ୍ଟର ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅବୋଲି ସୁନୀଲ ନରୱଣେ ପ୍ରମୁଖ ଭାର୍ଚୁଆଲ ମୋଡ଼ରେ ଯୋଗଦାନ କରିଥିଲେ।

ଆଜି ପର୍ଯ୍ୟନ୍ତ, ଏହି ପଦକ୍ଷେପ ଦ୍ୱାରା ୨୦୦ରୁ ଅଧିକ ବାଳିକାଙ୍କୁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମ ପିଢିର ଶିକ୍ଷାର୍ଥୀ ଅଟନ୍ତି, ଯାହାକି ସେମାନଙ୍କ ବିଦ୍ୟାଳୟର ଶେଷ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅସୁବିଧାକୁ ଅତିକ୍ରମ କରି ଆସିଥାନ୍ତି। ଅନୁଷ୍ଠାନଗୁଡ଼ିକରୁ ଥରେ ଚୟନ ହେବାପରେ ଏହି ପ୍ରତିଜ୍ଞାକାରୀ ବ୍ୟକ୍ତିମାନେ ପ୍ରସିଦ୍ଧ ଜାତୀୟ ସ୍ତରରେ ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ପ୍ରାୟୋଜକ ପାଇପାରିବେ। ସେମାନଙ୍କର ସ୍ନାତକୋତ୍ତର ସମାପ୍ତି ପରେ, ଚାକିରି ଅଫରଗୁଡିକ ଆନୁଷ୍ଠାନିକ ହେବାସହିତ ଏହି ଯୁବତୀମାନେ ମୂଳ କାର୍ଯ୍ୟରେ ସ୍ନାତକ ପ୍ରଶିକ୍ଷକ ଭାବରେ ବେଦାନ୍ତ କାର୍ଯ୍ୟରେ ଯୋଗଦେବେ। ପୂର୍ବରୁ ଏହା ଛତିଶଗଡର କୋରବା, ଓଡ଼ିଶାର ଲାଞ୍ଜିଗଡ଼ ଏବଂ ସୁନ୍ଦରଗଡ଼ ଥିବା ବେଦାନ୍ତ ଆଲୁମିନିୟମ ଅପରେସନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳିତ ହୋଇଥିଲା।

ପ୍ରୋଜେକ୍ଟ ପଂଛି ବେଦାନ୍ତର ଅଦମ୍ୟ ଉତ୍ସର୍ଗୀକୃତତାକୁ ଦର୍ଶାଉଛି ଯେ ଓଡ଼ିଶା, ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଗୋଆ ଇତ୍ୟାଦିରେ କମ୍ପାନୀର ଧାତୁ, ଖଣି ଏବଂ ତୈଳ ଏବଂ ଗ୍ୟାସ୍ ବ୍ୟବସାୟର ନିକଟବର୍ତ୍ତୀ ଅଞ୍ଚଳର, ସୁଦୂର ସମ୍ପ୍ରଦାୟର ଯୁବତୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ଧାତୁ ଏବଂ ଖଣି କ୍ଷେତ୍ର ମଧ୍ୟରେ ଥିବା ଲିଙ୍ଗଗତ ଅସନ୍ତୁଳନକୁ ଦୂର କରିବା ପାଇଁ ପ୍ରକଳ୍ପ ପଂଛି ପ୍ରସ୍ତୁତ ହୋଇଛି, ଏବଂ ଉତ୍ପାଦନ, ଭାରୀ ଇଞ୍ଜିନିୟରିଂ ଏବଂ ଖଣିଜ ସମ୍ପଦ ଶିଳ୍ପରେ କ୍ୟାରିୟର କରିବାକୁ ଇଚ୍ଛା କରିବା ପାଇଁ ଭାରତର ଗ୍ରାମାଞ୍ଚଳର ହଜାର ହଜାର ବାଳିକା ଏବଂ ମହିଳାଙ୍କ ପାଇଁ ଏକ ପ୍ରେରଣା ଭାବରେ କାର୍ଯ୍ୟ କରୁଛି।

## ଆଳି ରାଜମାତାଙ୍କ ବିୟୋଗରେ ସୂଚନା ଅଧିକାରୀଙ୍କ ଶୋକ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଆଳିର ପୂର୍ବତନ ବିଧାୟିକା, ପ୍ରାକ୍ତନ ରାଜ୍ୟସଭା ସଦସ୍ୟା ତଥା ରାଜମାତା ସୁଶ୍ରୀ ଦେବୀଙ୍କ ବିୟୋଗରେ ସୂଚନା ଅଧିକାରୀ ବିଭୂତି ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ସୁଶ୍ରୀ ଦେବୀ ଓଡ଼ିଶାର ଲୋକପ୍ରିୟ ନେତ୍ରୀ, ରାଜା ଶରତ ଦେବଙ୍କ ମାତା ଜଣେ ସମାଜସେବୀ ଭାବେ ସେ ମଧ୍ୟ ଖୁବ୍ ପରିଚିତ ଥିଲେ।

ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ବାଚସ୍ପତି ପ୍ରମିଳା ମଲିକ ଶୋକ ବାର୍ତ୍ତାରେ ଜଣାଇଛନ୍ତି।

ପୂର୍ବ ତଟ ରେଳପଥ
'ଇ'-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍
ଟେଣ୍ଡର ନୋଟିସ୍ ନଂ.: Sr.DMM/SBP/2024/11, ତାରିଖ.05.01.2024
କ୍ର. ନଂ. ୦୧: TENDER NO. 40245005, ଦ୍ରବ୍ୟର
ସଂକ୍ଷିପ୍ତ ବିବରଣୀ: ଅଟୋମେଟିକ ଫାୟାର ଆଲାର୍ମର ଯୋଗାଣ ଏବଂ ସ୍ଥାପନ।
ପରିମାଣ: TS ଅନୁସାରେ।
ଟେଣ୍ଡର ଖୋଲାଯିବା ତାରିଖ : ତା.30.01.2024
EMD, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧୀୟ ନୋଟିସ୍ ବିବରଣୀ ପାଇଁ ୱେବ୍‌ସାଇଟ୍ :www.ireps.gov.in ଏବଂ www.eastcoastrail.indianrailways.gov.in ଦେଖନ୍ତୁ।
ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ
ସମ୍ବଲପୁର
PR-969/O/23-24

ପୂର୍ବ ତଟ ରେଳପଥ
ଅକ୍ସନ୍ କ୍ୟାଟ୍‌ଲଗ୍ ନଂ.:
CAT-KBJ-PnU-T24, ତାରିଖ : 05.01.2024
ସମ୍ପତ୍ତିର ବିବରଣୀ :
କଣ୍ଟାବାଞ୍ଜି (KBJ) ରେଳ ଷ୍ଟେସନ୍‌ର ପ୍ଲାଟ୍‌ଫର୍ମ ନଂ. 1 ରେ PAY & USE ଟଏଲେଟ୍‌ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟ ସମାପ୍ତିର ଅବଧି : 03 ବର୍ଷ
ନିଲାମ ଆରମ୍ଭ ତାରିଖ ଏବଂ ସମୟ
ତା.23.01.2024ରିଖ 1100 ଘଟିକା।
ନିଲାମ ସମାପ୍ତ ତାରିଖ ଏବଂ ସମୟ
ତା.23.01.2024ରିଖ 1130 ଘଟିକା।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ :www.ireps.gov.in ରେ ଉପଲବ୍ଧ ।
ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ,
ସମ୍ବଲପୁର
PR-973/O/23-24

E-mail: eemisnp@yahoo.com
Ph.No. 06654-220516
A-1175
GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SONEPUR,
e- PROCUREMENT NOTICE
BID IDENTIFICATION No: SNPMI/ 05/2023-24
No-27 Date-09.01.2024 .

Name of work : Civil Construction WorkS
No. of works : 6(Six) Nos Minor Irrigation Projects.
Estimated cost: : From Rs. 15.76 lakh to Rs. 62.75 lakh
Tender paper cost : Varies from Rs 6000.00 to Rs. 10000.00
Period of completion : 3 (Three) to 6 (Six) Calendar months.
Class of Contractor : "B", "C" & "D".
Availability of bid documents : From 18.01.2024 (11.00 AM) to 01.02.2024 up to (5.000 PM) in website (www.tendersorissa.gov.in)
Period of Receipt of bid through on Line : From 18.01.2024 (11.00 AM) to 01.02.2024 up to(5.000 PM) through On- Line.
Mode of Payment : Online.
Date of opening of Bid documents/ Technical Bid : 02.02.2024 (11.00 AM Onwards)
Date of opening of Financial Bid : 05.02.2024 (11.00 AM Onwards)
Date of Lottery (If required) : 08.02.2024 (11.00 AM Onwards)
Digital signature certificate of Bidder : The bidder must possess compatible digital signature certificate (DSC) of Class-II or Class-III.
The detail tender call notice can also be seen in the DOWR website : http://dowrorissa.gov.in
Name & Address of the OIT : Superintending Engineer, In front of civil court Dist- Sonepur PIN-767017 E-mail: eemisnp@yahoo.com.
Further details can be seen from the E-Procurement website. : https://tendersodisha.gov.in

Sd/- Superintending Engineer
M.I. Division, Sonepur.
OIPR-32290/11/0008/2324

E-Mail ID: eerw_blgr@yahoo.co.in
O-2172
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: BOLANGIR
e Procurement Notice
IFB IDENTIFICATION NO. EEBLGR-Online-18/2023-24

| | | | |
|---|---|---|---|
| 1. | Name of work | : | Road Works |
| 2. | Total no of works | : | 10 ( Ten) nos |
| 3. | Approximate Estimated Cost | : | Rs 12.61 Lakh to 42.03 Lakh |
| 4. | Time for completion | : | 1 (One) calendar month |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | As per TCN No. EEBLGR-Online-18/2023-24 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division. Bolangir | EEBLGR-online-18/2023-24 | 16.01.2024 at 11.00 A.M | 24.01.2024 upto 5.00PM | 22.01.2024 upto 1.00PM | 25.01.2024 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Sd/- Executive Engineer,
R.W. Division, Bolangir.
OIPR-25068/11/0029/2324

E-mail : eemisundargarh@yahoo.co.in
A-1195
GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARGARH.
'e' Procurement Notice
Bid Reference No. SE MID SNG 10/2023-24

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil construction work. |
| 2 | No of Work: - | 01 (One) No. |
| 3 | Estimated cost: - | Rs 44.60 lakh (Approximately) |
| 4 | Period of completion | 04 (Four) Calendar months |
| 5 | Date and Time of availability of bid documents in the portal: - | From dt.19.01.2024 at.10.00 AM to dt.29.01.2024 up to 5.30 PM. |
| 6 | Last date / time of receipt of bids in the portal: - | Dt.29.01.2024 up to 5.30 PM |
| 7 | Date of opening of Bid: - | Dt.30.01.2024 at 11.00 AM onwards |
| 8 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

Sd/- Superintending Engineer
M.I. Division, Sundargarh
OIPR-32124/11/0010/2324

ଭୁବନେଶ୍ୱର
୧୨ ଜାନୁଆରୀ
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ବଲାଙ୍ଗୀର ଜିଲ୍ଲା ଗସ୍ତ ଅବସରରେ ‘୫-ଟି ଓ ନବୀନ ଓଡ଼ିଶା’ ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବିଭିନ୍ନ ବର୍ଗର ଜନତାଙ୍କୁ ଭେଟୁଛନ୍ତି ।

(ଫଟୋ : ସମ୍ବାଦ କଳିକା)









## ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ନିଯୁକ୍ତି ଅନିୟମିତତା ମାମଲା

# ତଦନ୍ତ ସାରି ରିପୋର୍ଟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୧।୧ :ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ହୋଇଥିବା ନିଯୁକ୍ତି ଅନିୟମିତତାକୁ ନେଇ ଜବାବ ତଲବ କରିଛନ୍ତି ହାଇକୋର୍ଟ । ମହିଳା ମହାବିଦ୍ୟାଳୟରେ ମୋଟ୍ ୭୦ଟି ପଦବୀ ଥିବା ବେଳେ ୪୮ଟି ପଦବୀ ତତ୍କାଳୀନ ଏଡିଏମ୍ ତଥା ଗଭର୍ଣ୍ଣିଂ ବଡି ଚେୟାରମ୍ୟାନଙ୍କ ଜାଲ୍ ଦସ୍ତଖତରେ ହୋଇଥିବା ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା କେନ୍ଦ୍ରାପଡ଼ା ବିକାଶ ପରିଷଦ ।



ତେବେ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । ହେଲେ ମାମଲାକୁ ଚାରି ମାସ ବିତିଥିଲେ ମଧ୍ୟ କୌଣସି ତଦନ୍ତ ରିପୋର୍ଟ ଦାଖଲ ହୋଇ ନଥିବାରୁ ପୋଲିସର ନିଷ୍କ୍ରିୟତା ବିରୋଧରେ ପୁଣି ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲା ପରିଷଦ । ତେବେ ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଏହି ମାମଲାରେ ଗୃହ ସଚିବ, ଉଚ୍ଚ ଶିକ୍ଷା ବିଭାଗ ସଚିବ, କ୍ରାଇମବ୍ରାଞ୍ଚ, କେନ୍ଦ୍ରାପଡ଼ା ଏସ୍‌ପିଙ୍କ ସମେତ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ତିନି ସପ୍ତାହ ପରେ କରାଯିବ ବୋଲି କହିଛନ୍ତି ଆବେଦନକାରୀଙ୍କ ଓକିଲ ।

# ଓଡ଼ିଶାରେ ଜାତୀୟ ପ୍ରାଣୀଧନ ମିଶନ ସଚେତନତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୧।୧ :ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ପ୍ରାଣୀଧନ ମିଶନ ଅଧୀନରେ ଉଦ୍ୟୋଗ ବିକାଶ ଉପରେ ଏକ କର୍ମଶାଳା ଗୁରୁବାର ଭୁବନେଶ୍ୱରର ଲୋକସେବା ଭବନ କନଭେନସନ ସେଣ୍ଟର ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପ୍ରାଣୀପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ହୋଇଯାଇଛି । ରାଜ୍ୟର ବ୍ୟାଙ୍କଗୁଡିକ ଦ୍ୱାରା କ୍ରେଡିଟ୍ ଲିଙ୍କେଜ୍ ମାଧ୍ୟମରେ ପ୍ରାଣୀପାଳନ ୟୁନିଟ୍ ପ୍ରତିଷ୍ଠା ଓ ରାଜ୍ୟର ଉଦ୍ୟୋଗୀମାନଙ୍କୁ ସଚେତନ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ ଯେ, ପ୍ରାଣୀପାଳନ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ପାଇଁ ୨୦୧୪-୧୫ ମସିହାରେ ଜାତୀୟ ପ୍ରାଣୀଧନ ମିଶନ ଆରମ୍ଭ କରାଯାଇଛି । ଗ୍ରାମାଞ୍ଚଳରେ କୁକୁଡ଼ା, ମେଣ୍ଢା, ଛେଳି, ଏବଂ ଘୁଷୁରି ଫାର୍ମ ପ୍ରତିଷ୍ଠା, ଫିଡ୍ ଏବଂ ଫଡର ବିକାଶ ସହିତ ଉଦ୍ୟୋଗ ବିକାଶ ତଥା ବ୍ରିଡ୍ ଡେଭଲପମେଣ୍ଟକୁ ପ୍ରୋତ୍ସାହିତ କରି ଜୀବିକା ସୁଯୋଗକୁ ବୃଦ୍ଧି କରିବା ପାଇଁ ଏହା ପରିକଳ୍ପନା କରାଯାଇଛି । ଜାତୀୟ ପ୍ରାଣୀଧନ ମିଶନ୍ ଅଧୀନରେ ବିଭିନ୍ନ ପ୍ରାଣୀପାଳନ ସମ୍ବନ୍ଧୀୟ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୫୦% ସବ୍‌ସିଡି ଯୋଗାଇ ଦିଆଯାଉଛି ଯେଉଁଥିରେ କୁକୁଡ଼ା ଫାର୍ମ ସହିତ ବ୍ରୁଡର୍ ମଦର ୟୁନିଟ୍, ମେଣ୍ଢା ଓ



ଛେଳି ବ୍ରିଡ୍ ମଲ୍ଟିପ୍ଲିକେସନ ଫାର୍ମ, ଘୁଷୁରୀ ଫାର୍ମ, ଏବଂ ଗୋଖାଦ୍ୟ ୟୁନିଟ୍ ଅନ୍ତର୍ଭୁକ୍ତ । କୁକୁଡ଼ା ଫାର୍ମ ପାଇଁ ୨୫ ଲକ୍ଷ, ମେଣ୍ଢା ଓ ଛେଳି ଫାର୍ମ ପାଇଁ ୫୦ ଲକ୍ଷ, ଘୁଷୁରି ଫାର୍ମ ପାଇଁ ୩୦ ଲକ୍ଷ ଟଙ୍କା ଏବଂ ଗୋଖାଦ୍ୟ ୟୁନିଟ୍ ପାଇଁ ୫୦ ଲକ୍ଷ ଟଙ୍କାର ସବସିଡ଼ି ବ୍ୟବସ୍ଥା ରହିଛି । କେନ୍ଦ୍ର ସରକାରଙ୍କ ପ୍ରାଣିପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ସର୍ବେଶ୍ୱର ମାଝୀ କହିଛନ୍ତି ଯେ ଓଡ଼ିଶାରେ ଜାତୀୟ ପ୍ରାଣୀଧନ ମିଶନ ବିଷୟରେ ସଚେତନତା ସୃଷ୍ଟି କରିବା ଜରୁରୀ ଅଟେ । ଏହି ଯୋଜନା ପ୍ରାଣିପାଳନ କ୍ଷେତ୍ରରେ ଉଦ୍ୟୋଗୀମାନଙ୍କୁ ସହାୟତା କରିବ । ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ହିତାଧିକାରୀ ଏବଂ ବହୁ ସଂଖ୍ୟକ ଉଦ୍ୟୋଗୀଙ୍କ ମିଳିତ ପ୍ରୟାସ ମାଧ୍ୟମରେ ଆମେ ପ୍ରାଣୀପାଳନ କ୍ଷେତ୍ରରେ ଉଦ୍ୟୋଗ ବିକାଶର ଲକ୍ଷ୍ୟରେ ପହଞ୍ଚିବାରେ ସମର୍ଥ ହେବା । ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟିର ସଂଯୋଜକ ଗୌତମ ପାତ୍ର କହିଥିଲେ ଯେ ପ୍ରାଣୀପାଳନ ୟୁନିଟ୍ ପ୍ରତିଷ୍ଠା ପାଇଁ ବ୍ୟାଙ୍କଗୁଡ଼ିକ ଉଦ୍ୟୋଗୀମାନଙ୍କୁ ସହାୟତା କରିବେ । ପ୍ରାଣୀପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ସହକାରୀ କମିଶନର ଅନିର୍ବାଣ ଗୁହା ଏନ୍‌ଏଲ୍‌ଏମ୍ ଅଧୀନରେ ସହାୟତା ପାଇବା ପାଇଁ ପ୍ରାଣୀପାଳନ ଉଦ୍ୟୋଗୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଧ୍ୟାନ ଦେଇଥିଲେ । ପ୍ରାଣୀ ପାଳନ ଉଦ୍ୟୋଗ ପାଇଁ ସରକାର ଯୋଗାଉ ଥିବା ସହାୟତା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରିବା ପାଇଁ କର୍ମଶାଳାରେ ଉପସ୍ଥାପନା ଏବଂ ପ୍ରଶ୍ନ-ଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଦେଶକ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ରାମାଶିଷ ହାଜରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଉଦ୍ୟୋଗୀ, ବ୍ୟାଙ୍କର, ସରକାରୀ କର୍ମଚାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀମାନେ ଯୋଗ ଦେଇଥିଲେ ।

# ୨୮ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ : ୨ଗିରଫ

**ଜଳେଶ୍ୱର, ୧୧।୧ :ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଆମ୍ବଳିଅଠା ଛକ ନିକଟରେ ଜଳେଶ୍ୱର ପୋଲିସ ତରଫରୁ ଚଢ଼ଉ ହୋଇ ୨୮୩ ଗ୍ରାମ୍‌ର ବ୍ରାଉନସୁଗାର ସମେତ ଦୁଇଜଣ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୮ଲକ୍ଷ ୩୦ହଜାର ଟଙ୍କା ହେବ ବୋଲି ଜଳେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବାଲେଶ୍ୱର ଏସ୍.ପି. ସାଗରୀକା ନାଥ । ସୂଚନାନୁଯାୟୀ ଏକ ବାଇକ୍ ଯୋଗେ ଜଳେଶ୍ୱରରୁ ଭୋଗରାଇ ଅଞ୍ଚଳକୁ ବ୍ରାଉନସୁଗାର ଚାଲାଣ ହେଉଥିବାର ଖବର ଜଳେଶ୍ୱର ପୋଲିସ କୌଣସି ସୂତ୍ରରୁ ପାଇ ଆମ୍ବଳିଅଠା ଛକ ନିକଟରେ ଚଢ଼ଉ କରି ବ୍ରାଉନସୁଗାର ସମେତ ଜଣେ ବେପାରୀକୁ ଗିରଫ କରିଥିଲା । ଏହା ସହିତ ଏକ ନମ୍ବର ବିହୀନ ବାଇକ ଏବଂ ୩ଟି ମୋବାଇଲ ଜବତ କରିଥିଲା । ପୁଣି ରାତ୍ରୀରେ ଜଳେଶ୍ୱର ପୌରାଞ୍ଚଳର ଶେଖବାଡ଼ ଅଞ୍ଚଳରେ ଚଢ଼ଉ କରି ଗିରଫ ହୋଇଥିବା ବେପାରୀର ଅନ୍ୟ ଜଣେ ସହଯୋଗୀକୁ ଗିରଫ କରିଥିଲା ପୋଲିସ । ତେବେ ଗିରଫ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇ ଜଳେଶ୍ୱର ପୋଲିସ ଅଧିକ ତଦନ୍ତ କରୁଛି ବୋଲି ଜଣାଯାଇଛି । ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ବିଭିନ୍ନ ଚୋରା ବ୍ୟବସାୟ ଓ ନିଶା ବ୍ୟବସାୟ ହେଉଥିବାରୁ ତା’ର ନିରାକରଣ ପାଇଁ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ୧୦ଟି ନୂତନ ପୋଲିସ ଚେକ୍ ପୋଷ୍ଟ ବସାଯିବ ବୋଲି ଏସ୍.ପି. ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।



# ୧୧ଅଧିକାରୀ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇବେ

**ଭୁବନେଶ୍ୱର, ୧୧।୧ :ନ୍ୟୁଜ୍‌ବ୍ୟୁରୋ**




ରାଜ୍ୟର ୧୧ଜଣ ବରିଷ୍ଠ ଓଏଏସ୍ ଏବଂ ଓଏଫ୍‌ଏସ୍ ଅଧିକାରୀ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇବେ ବୋଲଇ ଜଣାପଡ଼ିଛି । ଏନେଇ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଥିବା ବେଳେ ଖୁବ୍ ଶୀଘ୍ର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇପାରେ । ମିଳିଥିବା ସୂଚନା ଅନୁଯାୟୀ ବରିଷ୍ଠତା ଭିତ୍ତିରେ ୧୯୯୦ ବ୍ୟାଚ୍‌ର ଓଏଏସ୍ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ପାହ୍ୟାରେ କାମ କରୁଥିବା କଲ୍ୟାଣ ରଥ, କାଳୀପ୍ରସନ୍ନ ମହାପାତ୍ର, ଶୁଭଶ୍ରୀ ନନ୍ଦ, ବିଜୟ କୁମାର ପୃଷ୍ଟି, ରଘୁରାମ ଆୟାର, ସତ୍ୟବ୍ରତ ରାଉତ, ଦୀପକ ଦାସଙ୍କ ସମେତ ଓଏଫ୍‌ଏସ୍ ଅଧିକାରୀ ସ୍ମିତା ରାଉତ, ମନସ୍ୱିନୀ ସାମଲ, ସାଗରିକା ହୋତା ଏବଂ ଅନ୍ୟାନ୍ୟ ପ୍ରଶାସନିକ କ୍ୟାଡରରୁ ସଂଜୟ ବିଶ୍ୱାଳ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇବା ତାଲିକାରେ ରହିଥିବା ଜଣାପଡ଼ିଛି ।

